بِسۡمِ اللّٰہِ الرَّحۡمٰنِ الرَّحِیۡمِ　نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ　وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 1

ବାର୍ଷିକ ଦେୟ: ୩୦୦/-

ସାପ୍ତାହିକ

# ବଦର

The Weekly କାଦିଆନ

BADAR Qadian

ODIA

ସଂଖ୍ୟା 12-13

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

ଗୁରୁବାର 26 ମଇ/ 02 ଜୁନ୍ 2016- 26 ହିଜ୍‌ରତ୍/2 ଏହ୍‌ସାନ୍ 1395 ହି:ଶ1437 ହି.କ


## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ] କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥

ରମ୍‌ଜାନ୍ ମାସ ହୃଦୟକୁ ପବିତ୍ର କରିବା ପାଇଁ ଏକ ଉତ୍‌କୃଷ୍ଟ ମାସ ଅଟେ । ଏହି ମାସରେ ବହୁ ମାତ୍ରାରେ ଭେଦ ଖୋଲିଥାଏ । ନମାଜ ପାଠ ଇନ୍ଦ୍ରିୟକୁ ପବିତ୍ର କରିଥାଏ ଏବଂ ଉପବାସ ଦ୍ୱାରା ହୃଦୟର ଜ୍ୟୋତି ପ୍ରକଟ ହୋଇଥାଏ । ଇନ୍ଦ୍ରିୟକୁ ପବିତ୍ର କରିବାର ଅର୍ଥ ହେଉଛି ମନ୍ଦ ଉଦ୍ଦେଶ୍ୟରୁ ନିବୃତ ରହି ଆତ୍ମାକୁ ପବିତ୍ରତା ମିଳିଥାଏ ଏବଂ ଜ୍ୟୋତି ପ୍ରକଟର ଅର୍ଥ ହେଲା ଯେ ଦିବ୍ୟ ଜ୍ଞାନ ପ୍ରାପ୍ତ ହୋଇଥାଏ ଏବଂ ଯାହାଦ୍ୱାରା ଅଲାଃଙ୍କ ଦର୍ଶନ ମିଳିଥାଏ ।

**ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ**

## ପବିତ୍ର କୋରାନ୍ ବାଣୀ

ଶହ୍‌ରୁ ରମ୍‌ଜାନା.....ୟରଶୁଦୁନ୍ । (ଅଲ୍‌ବକ୍‌ରା-୧୮୬-୧୮୭) ଅର୍ଥାତ୍-ରମ୍‌ଜାନ୍ ମାସ ହେଉଛି ସେହି ମାସ ଯହିଁରେ (ପବିତ୍ର) କୋରାନ୍ ଅବତୀର୍ଣ୍ଣ ହୋଇଅଛି । ଯାହା ସମସ୍ତ ଲୋକମାନଙ୍କ ପାଇଁ ସତ୍‌ପଥ ରୂପେ ପ୍ରେରିତ ହୋଇଅଛି ଏବଂ ଯହିଁରେ ପ୍ରକାଶ୍ୟ ପ୍ରମାଣମାନ ରହିଅଛି । ଏପରି ପ୍ରମାଣ ଯାହା ସତ୍‌ପଥକୁ ପ୍ରଦର୍ଶିତ କରେ ଏବଂ ତା ସହିତ ଅଲ୍ଲାଃଙ୍କର ନିଦ୍ଦର୍ଶନଗୁଡିକ ମଧ୍ୟ ରହିଅଛି । ସୁତରାଂ ତୁମମାନଙ୍କ ମଧ୍ୟରୁ ଯେଉଁ ବ୍ୟକ୍ତି ଏହି ମାସରେ (ପିଡ଼ୀତ କିମ୍ବା ଯାତ୍ରୀ ନହୋଇ ଗୃହରେ ଉପସ୍ଥିତ ହେବ ତା ପାଇଁ ସେହି ମାସରେ ରୋଜା ରଖିବା ଉଚିତ୍ ଏବଂ ଯେଉଁ ବ୍ୟକ୍ତି ପିଡ଼ୀତ ଥାଏ ବା ଯାତ୍ରା କରୁଥାଏ ତାକୁ ପରବର୍ତୀ ଦିନରେ ଏହି ସଂଖ୍ୟା ପୂରଣ କରିବାକୁ ହେବ । ଅଲ୍ଲାଃ ତୁମମାନଙ୍କ ପାଇଁ କଠିନତା ଇଚ୍ଛା କରନ୍ତି ନାହିଁ ଏବଂ (ତୁମେମାନେ କଠିନତାରୁ ରକ୍ଷା ପାଇବା ପାଇଁ ସେ ଏହି ଆଦେଶ ଦେଇଛନ୍ତି । ଯଦ୍ୱାରା ତୁମେମାନେ (ନିର୍ଦ୍ଧିଷ୍ଟ) ସଂଖ୍ୟାକୁ ପୁରଣ କରିପାରିବ ଏବଂ ଅଲ୍ଲାଃ ତୁମମାନଙ୍କୁ ସତ୍‌ପଥ ଦେଖାଇଥିବାରୁ ତାଙ୍କ ମହିମା ଗାନ କର । ଫଳରେ ତୁମେମାନେ ତାଙ୍କଠାରେ କୃତଜ୍ଞ ହେବ । (ହେ ରସୁଲ୍) ଯେତେବେଳେ ଆମ ଭକ୍ତମାନେ ତୁମକୁ ଆମ ବିଷୟରେ ପ୍ରଶ୍ନ କରିବେ ତେବେ କୁହ ଆମ୍ଭେ ସେମାନଙ୍କ ନିକଟରେ ଅଛୁ । ପ୍ରାର୍ଥନାକାରୀ ଯେବେ ବି ଆମ୍ଭ ଉଦ୍ଧେଶ୍ୟରେ ପ୍ରାର୍ଥନା କରେ ଆମ୍ଭେ ତାହାର ପ୍ରାର୍ଥନାକୁ ଗ୍ରହଣ କରିଥାଉ । ତେଣୁ ଆମ୍ଭର ଆଦେଶ ଗ୍ରହଣ କରିବା ଓ ଆମ୍ଭ ଉପରେ ବିଶ୍ୱାସ ସ୍ଥାପନ କରିବା ସେମାନଙ୍କ ପକ୍ଷେ ବିଧେୟ । ଫଳରେ ସେମାନେ ସତ୍‌ପଥଗାମୀ ହେବେ ।

### ହଦିସବାଣୀ

ମନ୍ ଅଫ୍‌ତରା ୟୋମନ୍........ଓ୍ୱଲଓ ସାମଦ୍‌ଦହ୍‌ରା । ଅର୍ଥାତ୍-ଆଁ ହଜ୍‌ରତ୍ ସ:ଆ:ସ କହୁଛନ୍ତି ଯେଉଁବ୍ୟକ୍ତି କୌଣସି ଅସୁବିଧା ନଥାଇ ଜାଣିଶୁଣି ରମ୍‌ଜାନ୍‌ର ଗୋଟିଏ ବି ରୋଜା ତ୍ୟାଗ କରେ ଏବଂ ତା ବଦଳରେ ସେହିବ୍ୟକ୍ତି ସାରାଜୀବନ ରୋଜା ରଖିଲେ ମଧ୍ୟ ତା ବଦଳା ସୁଝାଇପାରିବ ନାହିଁ ଏବଂ ସେହି ଭୁଲ୍‌ର ପ୍ରାୟଶ୍ଚିତ୍ କଦାପି ହୋଇପାରିବ ନାହିଁ ।

## ହଜ୍‌ରତ୍ ମସିହ୍ ମଉଦ୍ [ଆ:ସ] ଙ୍କ ପବିତ୍ରବାଣୀ

''ଶହ୍‌ରୁ ରମ୍‌ଜାନ ଲ୍ଲଜି ଉନ୍‌ଜିଲା ଫିହିଲ୍ କୁର୍‌ଆନ୍''ରୁ ରମ୍‌ଜାନ୍‌ର ବୈଶିଷ୍ଟ୍ୟତା ଜଣାପଡୁଛି । ସନ୍ଥମାନେ ଲେଖିଛନ୍ତି ଯେ, ଏହି ମାସ **ହୃଦୟକୁ ପବିତ୍ର କରିବା ପାଇଁ ଏକ ଉତ୍‌କୃଷ୍ଟ ମାସ ଅଟେ । ଏହି ମାସରେ ବହୁ ମାତ୍ରାରେ ଭେଦ ଖୋଲିଥାଏ । ନମାଜ ପାଠ ଇନ୍ଦ୍ରିୟକୁ ପବିତ୍ର କରିଥାଏ ଏବଂ ଉପବାସ ଦ୍ୱାରା ହୃଦୟର ଜ୍ୟୋତି ପ୍ରକଟ ହୋଇଥାଏ । ଇନ୍ଦ୍ରିୟକୁ ପବିତ୍ର କରିବାର ଅର୍ଥ ହେଉଛି ମନ୍ଦ ଉଦ୍ଦେଶ୍ୟରୁ ନିବୃତ ରହି ଆତ୍ମାକୁ ପବିତ୍ରତା ମିଳିଥାଏ ଏବଂ ଜ୍ୟୋତି ପ୍ରକଟର ଅର୍ଥ ହେଲା ଯେ ଦିବ୍ୟ ଜ୍ଞାନ ପ୍ରାପ୍ତ ହୋଇଥାଏ ଏବଂ ଯାହାଦ୍ୱାରା ଅଲ୍ଲାଃଙ୍କ ଦର୍ଶନ ମିଳିଥାଏ ।** ଉନ୍‌ଜିଲା ଫିହିଲ୍ କୁର୍‌ଆନ୍ ରେ ଏହି ବିଷୟ ଦର୍ଶାଯାଇଛି । ଏଥିରେ କୌଣସି ସନ୍ଦେହ ନାହିଁ କି ରୋଜା ର ପ୍ରତିବଦଳ ବହୁତ ବଡ଼ ଅଟେ । କିନ୍ତୁ ବ୍ୟାଧି ଓ ଇଚ୍ଛା ଶକ୍ତି ସେହି ଉପହାରରୁ ମନୁଷ୍ୟକୁ ବଂଚିତ କରିଥାଏ । ଥରେ ମୋ ହୃଦୟରେ ଭାବନା ଜାଗ୍ରତ ହେଲା ଯେ ଫିଦିୟା କାହିଁକି ଧାର୍ଯ୍ୟ କରାଯାଇଛି । ଜଣାପଡ଼ିଲା ଯେ ଅଲ୍ଲାଃଙ୍କ ଅନୁଗ୍ରହ ପାଇଁ ଅଟେ । ତେବେ ଯାଇ ରୋଜା ରଖିବାର ସାମର୍ଥ୍ୟ ହାସଲ ହୋଇଥାଏ । ଅଲ୍ଲାଃଙ୍କ ଅସ୍ତିତ୍ୱ ହିଁ ଅନୁଗ୍ରହ ପ୍ରଦାନ କରିଥାଏ । ତେଣୁ ପ୍ରତ୍ୟେକ ଜିନିଷ ଅଲ୍ଲାଃଙ୍କ ଠାରୁ ମାଗିବା ଉଚିତ୍ । ଅଲ୍ଲାଃତାଲା ସର୍ବଶକ୍ତିମାନ ହୋଇଥିବାରୁ ସେ ଯଦି ଇଚ୍ଛା କରନ୍ତି ତେବେ ଅସହାୟ ଓ ଦୁର୍ବଳ ବ୍ୟକ୍ତିଙ୍କୁ ମଧ୍ୟ ରୋଜା ରଖିବା ପାଇଁ ଶକ୍ତି ପ୍ରଦାନ କରିପାରିବେ । ତେବେ ଫିଦିୟାର ଉଦ୍ଧେଶ୍ୟ ହେଉଛି । ସେହି ଶକ୍ତି ପ୍ରାପ୍ତ ହେଉ, ଯାହାକି ଅଲ୍ଲାଃଙ୍କ କୃପାରୁ ହିଁ ହାସଲ ହୋଇଥାଏ । ତେଣୁ ମୋ କହିବାର ଅର୍ଥ ହେଲା ଏହି ପବିତ୍ର ମାସରେ ମନୁଷ୍ୟ ବହୁତ ପ୍ରାର୍ଥନା କରୁ କି ହେ ପ୍ରଭୁ ଏହା ଏକ ପବିତ୍ର ମାସ ଅଟେ ଏବଂ ମୁଁ ଏହା ପ୍ରାପ୍ତ କରିବାରୁ ବଂଚିତ ରହିଯାଉଛି । କିଏ ଜାଣେ ଆସନ୍ତା ବର୍ଷ ମୁଁ ବଂଚିବି କି ନାହିଁ ବା ସେହି ଛାଡ଼ି ଯାଇଥିବା ରୋଜାକୁ ପୁରା କରିପାରିବି କି ନାହିଁ । ତେଣୁ ସେ ତା ଠାରୁ ଶକ୍ତି ଭିକ୍ଷା କରୁ । ମୋତେ ବିଶ୍ୱାସ ଅଛି ଯେ, ଏପରି ହୃଦୟକୁ ଅଲ୍ଲାଃତାଲା ଶକ୍ତି ପ୍ରଦାନ କରିବେ । ଯଦି ଅଲ୍ଲାଃତାଲା ଚହିଁଥାନ୍ତେ, ତେବେ ଅନ୍ୟ ଧର୍ମାବଲମ୍ବୀମାନଙ୍କ ପରି କୌଣସି ଫିଦିୟା ରଖିନଥାନ୍ତେ । କିନ୍ତୁ ସେହି ଫିଦିୟାକୁ ସେ ଆମ ଭଲ ପାଇଁ ରଖିଥାନ୍ତି । ମୋ ନିକଟରେ ବାସ୍ତବତା ଏହା ଯେ ଯେତେବେଳେ ମନୁଷ୍ୟ ସତ୍ୟ, ସ୍ୱଚ୍ଛତା ଓ ଖୋଲା ହୃଦୟର ସହିତ ଅଲ୍ଲାଃତାଲାଙ୍କ ନିକଟରେ ଅଳି କରିଥାଏ କି ଏହି ମାସରେ ମୋତେ ବଂଚିତ କରାନଯାଉ ତେବେ ଅଲ୍ଲାଃତାଲା ମଧ୍ୟ ତାକୁ ବଂଚିତ କରନ୍ତି ନାହିଁ । ଏପରି ପରିସ୍ଥିତିରେ ଯଦିଓ ମନୁଷ୍ୟ ରମ୍‌ଜାନ୍ ମାସରେ ଅସୁସ୍ଥ ହୋଇଯାଏ ତାହାହେଲେ ସେହି ଅସୁସ୍ଥତା ତାହା ସପକ୍ଷରେ ଦୟା ହୋଇଥାଏ । କାହିଁକିନା ପ୍ରତ୍ୟେକ କାର୍ଯ୍ୟର ମୂଳଦୁଆ (ନିୟତ) ଇଚ୍ଛା ଉପରେ ନିର୍ଭର କରିଥାଏ । ପୁଣ୍ୟବାନଙ୍କ ପାଇଁ ଏହା ଦରକାର ଅଟେ ଯେ ସେ ତା'ର ଅସ୍ତିତ୍ୱ ଦ୍ୱାରା ନିଜକୁ ଅଲ୍ଲାଃଙ୍କ ମାର୍ଗରେ ବାହାଦୁର୍‌ର ସହିତ ପରିଚାଳିତ କରିଥାଏ । ଯେଉଁବ୍ୟକ୍ତି ରୋଜାରୁ ବଂଚିତ ରହିଥାଏ କିନ୍ତୁ ତା ହୃଦୟ ଏପରି ଆନ୍ଦୋଳିତ ହୁଏ ଯେ, ଯଦି ମୁଁ ସୁସ୍ଥ ସବଳ ଥାନ୍ତି, ତାହେଲେ ରୋଜା ରଖିଥାନ୍ତି । ଏହିପରି ମନୋଭାବକୁ ଦେଖି ଦେବଦୂତମାନେ (ଫରିସ୍ତା) ତାଙ୍କ ପାଇଁ ରୋଜା ରଖିବେ । ସର୍ତ ଏହା ଯେ ସେ କୌଣସି ବାହାନା ନକରୁ ତା ହେଲେ ଅଲ୍ଲାଃତାଲା ତାକୁ ପ୍ରତ୍ୟେକ ପୁଣ୍ୟରୁ ବଂଚିତ କରିବେ ନାହିଁ ।

ଏହା ଏକ ସୂକ୍ଷ୍ମ ବିଷୟ ଅଟେ । ଯଦି ଓ କୌଣସି ବ୍ୟକ୍ତି ଉପରେ ଏହି (ନିଜର ଆଳସ୍ୟତା ଯୋଗୁଁ) ରୋଜା କଷ୍ଟକର ହୁଏ ଏବଂ ସେ ମନେମନେ ଭାବିନିଏ ଯେ ମୁଁ ଅସୁସ୍ଥ ଅଛି ଏବଂ ମୋର ସ୍ୱାସ୍ଥ୍ୟ ଏପରି ଅଛି ଯେ, ଯଦି ଗୋଟିଏ ବେଳା ମୁଁ ଖାଇବି ନାହିଁ ତେବେ ମୋତେ ଅମୁକ ଅମୁକ ରୋଗ ହୋଇଯିବ । ଏପରି ବ୍ୟକ୍ତି ଯିଏ ଅଲ୍ଲାଃତାଲାଙ୍କର ଆଶୀର୍ବାଦକୁ ନିଜ ଉପରେ କଷ୍ଟ ବୋଲି ଭାବିନିଏ ସେ କଦାପି ପୁଣ୍ୟର ଅଧିକାରୀ ହୋଇପାରିବ ନାହିଁ । ହଁ ସେ ବ୍ୟକ୍ତି ଯାହାର ହୃଦୟ ଏଥିପାଇଁ ଆନନ୍ଦିତ ଯେ ରମ୍‌ଜାନ୍ ଆସିଗଲା ଓ ମୁଁ ତାର ଅପେକ୍ଷାରେ ଥିଲି କି ସେ ଆସୁ ଏବଂ ମୁ ରୋଜା ରଖିବି ଏବଂ ଯଦି ସେ ପୁଣି କୌଣସି କାରଣରୁ ବେମାର ହୋଇ ରୋଜା ନରଖିପାରେ ତାହେଲେ ସେ ଆକାଶ (ଅଲ୍ଲାଃଙ୍କ ନିକଟରେ) ରେ ରୋଜାରୁ ବଂଚିତ ହୁଏ ନାହିଁ । ଏହି ସଂସାରରେ ବହୁତ ଲୋକ ବାହାନା (ଆଳ) ଦେଖାଇଥାନ୍ତି ଏବଂ ସେମାନେ ଭାବନ୍ତି ଯେ ଆମେ ଯେପରି ସଂସାରକୁ ଧୋକା ଦେଉଅଛୁ ସେହିପରି ଅଲ୍ଲାଃଙ୍କୁ ଧୋକା ଦେଇପାରିବୁ । ବାହାନା କରି ସେ ନିଜକୁ ଠିକ୍ ବୋଲି ଭାବନ୍ତି । କିନ୍ତୁ ପ୍ରକୃତରେ ଅଲ୍ଲାଃଙ୍କ ନିକଟରେ ସେ ଠିକ୍ ନଥାଏ । ବାହାନାର ଅଧ୍ୟାୟ ବହୁତ ବଡ଼ । ଯଦି ମନୁଷ୍ୟ ଚହିଁବ ତାହାଲେ ସେହି ବାହାନା କରି ସେ ସାରା ଜୀବନ ବସିକରି ନମାଜ ପଢ଼ିବ ଏବଂ ରମ୍‌ଜାନ୍


ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

ମାସରେ ଆଦୌ ରୋଜା ନ ରଖିବ କିନ୍ତୁ ଅଲ୍ଲାଃତାଲା ତାର ନିୟତ (ଇଚ୍ଛା) କୁ ଜାଣନ୍ତି । (ସେହିପରି) ଯିଏ ସତ୍ୟତା ଓ ସ୍ୱଚ୍ଛତାର ହୃଦୟ ରଖିଥାଏ ଅଲ୍ଲାଃତାଲା ତାହା ମଧ୍ୟ ଜାଣିଥାନ୍ତି ଯେ, ତା ହୃଦୟରେ ଏହା ପ୍ରତି କି ପୀଡ଼ା ଅଛି । ତେଣୁ ତାକୁ ସେ ଅଧିକରୁ ଅଧିକ ପୁଣ୍ୟ ପ୍ରଦାନ କରିଥାନ୍ତି । କାରଣ ହୃଦୟର ପୀଡ଼ା ଏକ ସମ୍ମାନଯୋଗ୍ୟ ବିଷୟ ଅଟେ । ବାହାନା, ଯେଉଁଲୋକ ଅର୍ଥ କରିବା ଉପରେ ଭରଷା କରିଥାଏ । କିନ୍ତୁ ଅଲ୍ଲାଃତାଲାଙ୍କ ନିକଟରେ ସେହି ଭରଷାର କିଛି ମୂଲ୍ୟ ନଥାଏ । ଯେତେବେଳେ ମୁଁ ୬ ମାସ ରୋଜା ରଖିଥିଲି, ଥରେ ମୋତେ (କଶଫ୍) ଆଧାତ୍ମିକ ଦୃଷ୍ଟି ଦ୍ୱାରା ନବୀଙ୍କର ଗୋଟିଏ ଦଳ ଭେଟ ହେଲେ ଏବଂ ସେମାନେ କହିଲେ କି ତୁ କାହିଁକି ନିଜ ଇନ୍ଦ୍ରିୟକୁ ଏପରି ଯନ୍ତ୍ରଣା ଦେଉଛୁ । ଏଥିରୁ ବାହାରକୁ ବାହରି ଆସ । ସେହିପରି ଯେତେବେଳେ ମନୁଷ୍ୟ ନିଜକୁ ଅଲ୍ଲାଃଙ୍କ ନିମନ୍ତେ ଯନ୍ତ୍ରଣାରେ ପକାଇଥାଏ ସେତେବେଳେ ସେ ମା'ବାପାଙ୍କ ପରି ଦୟାକରି ତାକୁ କହେ ଯେ, ତୁ କାହିଁକି ଯନ୍ତ୍ରଣାରେ ପଡ଼ିଛୁ ।

(ମଲ୍‌ଫୁଜାତ୍, ଖଣ୍ଡ-୨, ପୃଷ୍ଠା-୫୬୧-୫୬୪, ପ୍ରକାଶନ-୨୦୦୩, କାଦିୟାନ୍)

## ପବିତ୍ର ରମ୍‌ଜାନ୍ ସହିତ ତହ୍‌ରିକେ ଯଦିଦ୍‌ର ନିବିଡ଼ ସମ୍ପର୍କ

ତହ୍‌ରିକେ ଯଦିଦ୍‌ର ସଂସ୍ଥାପକ ସୟଦ୍‌ନା ହଜ୍‌ରତ ଖଲିଫତୁଲ୍ ମସିହ୍ ସାନୀ ର:ଅ ପବିତ୍ର ରମ୍‌ଜାନ୍ ମାସ ସହିତ ତହ୍‌ରିକେ ଯଦିଦ୍‌ର ନିବିଡ଼ ସମ୍ପର୍କ ଉପରେ ଆଲୋକପାତ କରି କହୁଛନ୍ତି- ''ଯଦିଓ ତୁମେମାନେ ରମ୍‌ଜାନ୍‌ରୁ ଲାଭବାନ୍ ହେବାକୁ ଚାହୁଁଛ, ତେବେ ତହ୍‌ରିକେ ଯଦିଦ୍‌କୁ କାର୍ଯ୍ୟକାରୀ କର । ପୁନଶ୍ଚ ଯଦି ତହ୍‌ରିକେ ଯଦିଦ୍‌କୁ ଲାଭବାନ କରିବାକୁ ଚାହୁଁଛ ତେବେ ରୋଜାରୁ ଲାଭ ଉଠାଅ । ତହ୍‌ରିକେ ଯଦିଦ୍ ଏହା ଅଟେ ଯେ, ସାଧା ଜୀବନ ଅତିବାହିତ କର ଏବଂ ପରିଶ୍ରମୀ, ଦୁଃଖ ଯନ୍ତ୍ରଣା ଓ ବଳିଦାନ ପାଇଁ ନିଜକୁ ଗଢ଼ି ତୋଳ । ଏହି ଶିକ୍ଷା ତୁମମାନଙ୍କୁ ଦେବାପାଇଁ ରମ୍‌ଜାନ୍ ଆସିଥାଏ । ଯେଉଁ ଉଦ୍ଦେଶ୍ୟ ପାଇଁ ରମ୍‌ଜାନ୍ ଆସିଅଛି । ସେହି ଉଦ୍ଦେଶ୍ୟକୁ ହାସଲ କରିବା ନିମନ୍ତେ ସଂଘର୍ଷ କର । ପ୍ରତ୍ୟେକ ବ୍ୟକ୍ତିକୁ ଚେଷ୍ଟା କରିବା ଆବଶ୍ୟକ ଯେ ତାର ରମ୍‌ଜାନ୍ ତହ୍‌ରିକେ ଯଦିଦ୍ ପରି ହେଉ ଏବଂ ତହ୍‌ରିକେ ଯଦିଦ୍ ରମ୍‌ଜାନ୍ ପରି ହେଉ । ରମ୍‌ଜାନ୍ ଆମ ଇନ୍ଦ୍ରିୟକୁ ଦମନକାରୀ ହେଉ ଓ ତହ୍‌ରିକେ ଯଦିଦ୍ ଆମ ଆତ୍ମାକୁ ସତେଜକାରୀ ହେଉ । ଯେତେବେଳେ ମୁଁ କହିଲି କି ରମ୍‌ଜାନ୍‌ର ଲାଭ ଉଠାଅ, ପ୍ରକୃତରେ ମୁଁ ତୁମକୁ ବୁଝାଇଥିଲି ଯେ ତୁମେମାନେ ତହ୍‌ରିକେ ଯଦିଦ୍‌ର ଆବଶ୍ୟକତା ଓ ଇଚ୍ଛାକୁ ରମ୍‌ଜାନ ଦୃଷ୍ଟି କୋଣରୁ ବୁଝ । ଯେତେବେଳେ ମୁଁ କହିଲି କି ତହ୍‌ରିକେ ଯଦିଦ୍ ପାଇଁ ଧ୍ୟାନ ଦିଅ ଅନ୍ୟ ଅର୍ଥରେ ମୁଁ ତୁମମାନଙ୍କୁ ଏହା କହିଲି ଯେ, ତୁମେମାନେ ଯେ କୌଣସି ପରିସ୍ଥିତିରେ ରମ୍‌ଜାନ୍‌ର ବାସ୍ତବତାକୁ ନିଜ ଉପରେ ଲାଗୁ କର ଏବଂ ଉଚିତ୍ ତ୍ୟାଗ ଓ ରୀତିମତେ କୁର୍ବାନି କରିବାର ଅଭ୍ୟାସ ନିଜ ଭିତରେ ସୃଷ୍ଟି କର । ଯେଉଁ ରମ୍‌ଜାନ୍ ବାସ୍ତବିକ କୁର୍ବାନି ବିନା ବିତିଯାଏ ତାହା ରମ୍‌ଜାନ୍ ନୁହେଁ ଏବଂ ଯେଉଁ ତହ୍‌ରିକେ ଯଦିଦ୍ ଆତ୍ମାକୁ ସତେଜ ନ କରି ଅତିବାହିତ ହୋଇଯାଏ ତାହା ତହ୍‌ରିକେ ଯଦିଦ୍ ନୁହେଁ । (ଖୁତ୍‌ବା ଯୁମ୍ମା ୪ ନଭେମ୍ବର - ୧୯୩୮)

ଏହି ପରିପ୍ରେକ୍ଷୀରେ ୧୧ ନଭେମ୍ବର-୧୯୩୮ ରେ ଖୁତ୍‌ବା ଯୁମ୍ମାର ଶେଷଭାଗରେ ହଜୁର୍ ର:ଅ ଯମାତ୍ କୁ ତହ୍‌ରିକେ ଯଦିଦ୍ ଚନ୍ଦା ଦେଉଥିବା ବ୍ୟକ୍ତିଙ୍କ ପାଇଁ ବିଶେଷ ପ୍ରାର୍ଥନାର ଘୋଷଣା କରି କହିଲେ ଯେ 'ରମ୍‌ଜାନ୍‌ର ଯେଉଁ ଶେଷ ପର୍ଯ୍ୟାୟ ଆସୁଅଛି ତାକୁ ତହ୍‌ରିକେ ଯଦିଦ୍ ପାଇଁ ବିଗତ ଦାନ ଯୋଗୁଁ କୃତଜ୍ଞତା ଜ୍ଞାପନ ଓ ଆଗାମୀ ନିମନ୍ତେ ଶକ୍ତି ପ୍ରାପ୍ତି ପାଇଁ ଖର୍ଚ୍ଚ କର । ଯେଉଁମାନଙ୍କୁ ଗତବର୍ଷ ଦାନ କରିବାର ସୌଭାଗ୍ୟ ମିଳିଛି ସେମାନେ ସେଥିପାଇଁ ଅଲ୍ଲାଃଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରନ୍ତୁ ଏବଂ ପ୍ରତ୍ୟେକ ପ୍ରାର୍ଥନାକାରୀ ଅଲ୍ଲାଃଙ୍କ ନିକଟରେ ପ୍ରତ୍ୟେକ କୁର୍ବାନୀ କରିବା ବ୍ୟକ୍ତିଙ୍କ ପାଇଁ ଦୁଆ କରନ୍ତୁ କି ସେମାନେ ଧର୍ମର ଶକ୍ତି ଓ ସଂଗଠନର ଦୃଢ଼ତା ପାଇଁ ଯେଉଁ ବଳିଦାନ କରିଛନ୍ତି ତା ବଦଳରେ ଅଲ୍ଲାଃତାଲା ସେମାନଙ୍କ ନିମନ୍ତେ ନିଜର କରୁଣା ଓ ଦୟା ଅବତୀର୍ଣ୍ଣ କରନ୍ତୁ । ସେମାନଙ୍କ ପାଇଁ ନିଜର ସ୍ନେହ ଓ ଉନ୍ନତି ପ୍ରଦାନ କରନ୍ତୁ । ସେହି ସ୍ନେହ ଓ ଶ୍ରଦ୍ଧାନୁସାରେ ଯାହା ସାହାଯ୍ୟରେ ସେମାନେ ଅଲ୍ଲାଃଙ୍କ ରାସ୍ତାରେ କୁର୍ବାନି କରିଥିଲେ । ଆମିନ୍' । (ଅଲ୍‌ଫଜଲ୍, ୧୫ ନଭେମ୍ବର ୧୯୩୮, ପୃଷ୍ଠା-୪)

ଦୈନିକ ଅଲ୍‌ଫଜଲ୍ କାଦିୟାନ୍ ୨୯ ନଭେମ୍ବର ୧୯୩୮ ରେ ପ୍ରକାଶିତ ଘୋଷଣା ଅନୁଯାୟୀ ନିଷ୍ଠାବାନ୍ ଅହେମଦୀମାନଙ୍କର ଆରମ୍ଭରୁ ହିଁ ସହଯୋଗ ରହିଛି, ସେମାନେ ସର୍ବଦା ରମ୍‌ଜାନ୍ ମାସ ମଧ୍ୟ ଭାଗ ପର୍ଯ୍ୟନ୍ତି ନିଜର ପ୍ରତିଶ୍ରୁତି ଅନୁସାରେ ତହ୍‌ରିକେ ଯଦିଦ୍ ଚନ୍ଦା ଶତ ପ୍ରତିଶତ ପଇଠ କରି ଅଲ୍ଲାଃତାଲାଙ୍କ କୃପା ଓ କରୁଣାର ପାତ୍ର ହେବାପାଇଁ ଚେଷ୍ଟା କରିଥାନ୍ତି । ବର୍ତ୍ତମାନ ଆମ୍ଭେମାନେ ଅଲ୍ଲାଃତାଲାଙ୍କର ପ୍ରଦତ ସମ୍ବଳରୁ ପୁନର୍ବାର ଅଲ୍ଲାଃଙ୍କର ବହୁତ ଗୁଡିଏ ଦୟା ଓ ଉନ୍ନତିର ଭାଗିଦାରୀ ହୋଇ ଏହି ପବିତ୍ର ମାସରେ ପାଦ ରଖିବା ବ୍ୟକ୍ତିମାନଙ୍କ ମଧ୍ୟରେ ଅଛୁ । ତହ୍‌ରିକେ ଯଦିଦ୍‌ର ସମସ୍ତ ସହଯୋଗୀମାନଙ୍କୁ ଅନୁରୋଧ ଯେ ସେମାନେ ଯମାତ୍‌ର ଏହି ସୁନ୍ଦର ନୀତିକୁ ଜାରି ରଖି ୨୦ ରମ୍‌ଜାନ୍ ଅର୍ଥାତ୍ ୨୭ ଜୁନ୍ ପର୍ଯ୍ୟନ୍ତ ନିଜର ଉଚିତ୍ ଦେୟକୁ ସମ୍ପୂର୍ଣ୍ଣ ରୂପେ ପଇଠ କରି ହଜୁର୍ ଅନୁଓ୍ୱର୍ ଅ:ବ ଙ୍କ ଗ୍ରହଣୀୟ ଦୁଆର ଭାଗିଦାରୀ ହେବାର ସୌଭାଗ୍ୟ ହାସଲ କରନ୍ତୁ । ଅଲ୍ଲାତାଲା ଆମ ସମସ୍ତଙ୍କୁ ଏହା କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଆମିନ୍'' ।

ସମସ୍ତ ଜିଲ୍ଲା ସ୍ତରୀୟ ଓ ସ୍ଥାନୀୟ ଅମିର୍, ସଦର୍ ସାହେବ ମାନଙ୍କୁ ଓ ତହ୍‌ରିକେ ଯଦିଦ୍‌ର ସଚିବମାନଙ୍କୁ ଏବଂ ମୋବଲ୍ଲିଗ୍‌ମାନଙ୍କୁ ମଧ୍ୟ ଅନୁରୋଧ କରାଯାଉଛି ଯେ ଦୟାପୂର୍ବକ ନିଜ ନିଜ ଯମାତ୍‌ର ଶତ ପ୍ରତିଶତ ପଇଠକାରୀମାନଙ୍କର ସୂଚୀ ୨୭ ଜୁନ୍ ପୂର୍ବରୁ ଏବଂ ୩ ଜୁଲାଇ ସୁଧା ଫ୍ୟାକ୍‌ସ କିମ୍ବା ଇ-ମେଲ୍ ମାଧ୍ୟମରେ ଓକାଲତେ ମାଲ୍ ତହ୍‌ରିକେ ଯଦିଦ୍ କାଦିୟାନ୍‌ଙ୍କ ନିକଟକୁ ପ୍ରେରଣ କରନ୍ତୁ । ଯଦ୍ୱାରା ସମସ୍ତ ଯମାତର ସୂଚୀ ୨୯ ରମ୍‌ଜାନ୍‌ରେ ଏକା ସାଥିରେ ମିଳିତ ରୂପେ ଦୁଆ ନିମନ୍ତେ ହଜୁର୍ ଅନୁଓ୍ୱର୍ ଅ:ବ ଙ୍କୁ ନିକଟରେ ଉପସ୍ଥାପନ କରାଯାଇପାରିବ । ଯଜାକମୁଲ୍ଲାଃ''

(ଓ୍ୱକିଲୁଲ୍‌ମାଲ୍ ତହ୍‌ରିକେ ଯଦିଦ୍ କାଦିୟାନ୍)

## ରମ୍‌ଜାନ୍‌ର ବର୍‌କତ୍ ମଧ୍ୟରେ ଓ୍ୱକ୍‌ଫେ ଯଦିଦ ଏବଂ ଓ୍ୱକ୍‌ଫେ ଯଦିଦ୍‌ର ବର୍‌କତ୍ ମଧ୍ୟେ ରମ୍‌ଜାନ୍‌ର ବର୍‌କତ୍

ଏହା ଆମର ସୌଭାଗ୍ୟ ଅଟେ ଯେ ପୁଣି ଥରେ ଆମ୍ଭେମାନେ ଅନେକଗୁଡିଏ ଐଶ୍ୱରିକ ଦୟା ଓ ଉନ୍ନତିର ଭାଗିଦାରୀ ହୋଇ ପବିତ୍ର ରମ୍‌ଜାନ୍‌ରେ ପଦାର୍ପଣ କରିଅଛୁ । (ଅଲହମ୍ ଦୋ ଲିଲ୍ଲାଃ)

ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେ ର:ଅ ୧୯୯୮ ରେ ଓ୍ୱକ୍‌ଫେ ଯଦିଦ୍‌ର ନୂତନ ବର୍ଷର ଘୋଷଣା କରି କହିଲେ କି ''ବର୍ତ୍ତମାନ ରମ୍‌ଜାନ୍ ମାସ ଚାଲିଛି ଏବଂ ଏହି ବିଷୟ ଯାହା ପ୍ରକୃତର ଓ୍ୱକ୍‌ଫେ ଯଦିଦ୍ ନିମନ୍ତେ ଆରମ୍ଭ କରାଯାଇଥିଲା ମୁଁ ତାକୁ ରମ୍‌ଜାନ୍ ସହିତ ମିଶାଇବାକୁ ଚାହୁଁଛି । ଏଥିପାଇଁ କି ରମ୍‌ଜାନ୍‌ର ବର୍‌କତ୍ ମଧ୍ୟରେ ଓ୍ୱକ୍‌ଫେ ଯଦିଦ୍ ଏବଂ ଓ୍ୱକ୍‌ଫେ ଯଦିଦ୍‌ର ବର୍‌କତ୍ ମଧ୍ୟେ ରମ୍‌ଜାନ୍‌ର ବର୍‌କତ୍ ସହିତ ମିଶିଯାଉ । ପୁନଶ୍ଚ ଆପଣ ଅଲ୍ଲାଃଙ୍କ ମାର୍ଗରେ ଖର୍ଚ୍ଚ କରୁଥିବା ଲୋକଙ୍କ ପାଇଁ ଶୁଭ ସନ୍ଦେଶ ଦେଇ କହିଲେ ଯେ, ଆଁ ହଜ୍‌ରତ୍ ସ:ଆ:ସ କହିଛନ୍ତି ପ୍ରତ୍ୟେକ ଭୋର୍ ସମୟରେ ୨ ଜଣ ଫରିସ୍ତା (ଦେବଦୂତ) ଓହ୍ଲାଇଥାନ୍ତି । ସେମାନଙ୍କ ମଧ୍ୟରୁ ଜଣେ କହେ ହେ ଅଲ୍ଲାଃ ଖର୍ଚ୍ଚକାରୀଙ୍କୁ ଆଉ ଅଧିକ ଦାନ କର ଏବଂ ସେମାନଙ୍କ ସହ ତାଳମିଳାଇ ଚାଲୁଥିବା ଲୋକଙ୍କୁ ସୃଷ୍ଟି କର । ଅନ୍ୟଜଣକ କହିଥାଏ, ହେ ଅଲ୍ଲା ଏଥିରୁ ଦୁରେଇଯାଇଥିବା କୃପଣର ବିନାଶ କରିଦିଅ ଏବଂ ତାର ଧନସମ୍ପତିକୁ ନଷ୍ଟ କରିଦିଅ । ଏଥିମଧ୍ୟରୁ ପ୍ରଥମ ଭାଗଟି ସ୍ୱଷ୍ଟ ଯେ ଅଲ୍ଲାଃତାଲାଙ୍କ ରାସ୍ତାରେ ଯେଉଁମାନେ ଖର୍ଚ୍ଚ କରିଥାନ୍ତି ବିଶେଷ କରି ପବିତ୍ର ରମ୍‌ଜାନ୍‌ରେ ସେମାନଙ୍କ ପାଇଁ ଦେବଦୂତମାନେ ପ୍ରାର୍ଥନା କରିଥାନ୍ତି । ସେମାନଙ୍କୁ ଯେଉଁମାନେ ଅନୁସରଣ କରନ୍ତି ତାଙ୍କ ପାଇଁ ମଧ୍ୟ ପ୍ରାର୍ଥନା କରନ୍ତି । ଆପଣ ଏହି ପୁଣ୍ୟ କାର୍ଯ୍ୟରେ ନିଜ ସନ୍ତାନମାନଙ୍କୁ ସାମିଲ୍ କରନ୍ତୁ । ନିଜ ପାଖ ପଡ଼ୋଶୀ ଓ ନିଜ ସମାଜକୁ ମଧ୍ୟ ସାମିଲ୍ କରନ୍ତୁ । ଯଦ୍ୱାରା ଏହି ପୁଣ୍ୟ ରୂପକ ବିଷୟ ଖେଳି ଉଠିବ ଏବଂ ସମଗ୍ର ପୃଥିବୀରେ ପ୍ରସାର ଲାଭ କରିବ । ଏହା ଏପରି ଏକ କାର୍ଯ୍ୟ ଅଟେ ଯାହା ଅଲ୍ଲାଃତାଲାଙ୍କ ତରଫରୁ ପ୍ରବାହିତ ହେଉଥିବା ପବନର ଦିଗ ଉପରେ ନ୍ୟସ୍ତ ହୋଇଛି । ଫରିସ୍ତାମାନେ ଦୁଆ କରିବେ, ଯାହାଦ୍ୱାରା ଆପଣମାନେ ଆଗକୁ ବଢ଼ିଚାଲିବେ । ଅଲ୍ଲାଃଙ୍କ ମାର୍ଗରେ ଖର୍ଚ୍ଚ କରୁଥିବା ଲୋକଙ୍କ ଧନ ସମ୍ପତି ଦୃତଗତିରେ ବଢ଼ି ଚାଲିବ ଯାହାର ନମୁନା ଆମେ ଦେଖିଆସୁଛେ । ସମଗ୍ର ପୃଥିବୀରେ ଏପରି ଖର୍ଚ୍ଚ କରିବା ବ୍ୟକ୍ତିକୁ ଅଲ୍ଲାଃତାଲା ପ୍ରତି ବଦଳରେ ଅଧିକରୁ ଅଧିକ ପ୍ରଦାନ କରୁଛନ୍ତି ଏବଂ ସେମାନଙ୍କ ପରି ଅନେକ ଲୋକ ମଧ୍ୟ ସୃଷ୍ଟି କରୁଛନ୍ତି । ଯାହା ଫଳରେ ଅହେମଦିୟତ୍ ଉପରେ ପଡୁଥିବା ବୋଝକୁ ଅତି ସହଜତାର ସହିତ ବହନ କରାଯାଇପାରୁଛି ।

(ଖୁତ୍‌ବାଜୁମା, ପ୍ରଦତ ୨ ଜାନୁୟାରୀ-୧୯୯୮, ସ୍ଥାନ-ମସ୍‌ଜିଦ୍ ଫଜଲ୍ ଲଣ୍ଡନ୍)

*ଅବଶିଷ୍ଟାଂଶ ପୃଷ୍ଠା-୭ ରେ ଦେଖନ୍ତୁ............*

# ଖୁତ୍‌ବା ଜୁମା

- ଫିକାଃ ବିଷୟରେ ପ୍ରଶ୍ନ କରିବା ବ୍ୟକ୍ତିଙ୍କୁ ହଜ୍‌ରତ୍ ମସିହ୍ ମଉଦ ଆ:ସ ନିଜେ ଉତର ଦେଉଥିଲେ ବେଳେବେଳେ ଅନ୍ୟ ଓ୍ୱଲେମାଙ୍କ ନିକଟକୁ ମଧ ଉତର ପାଇଁ ପଠାଇ ଦେଉଥିଲେ । ବହୁତ ପ୍ରଶ୍ନ ଯାହା ଅତି ଛୋଟ ଜଣା ପଡୁଥିଲେ ମଧ ଆପଣ ଏଥିପାଇଁ ଓ୍ୱଲେମାଙ୍କର ଇସ୍‌ଲାହ କରୁଥିଲେ । ଯେତେବେଳେ ଆପଣ ଦେଖୁଥିଲେ ଯେ କୌଣସି ବିଷୟର ସମାଧାନ ଜଣେ ଅଲ୍ଲାଃତାଲାଙ୍କ ଦୂତ (ମାମୁର୍) ହିସାବରେ ସଂସାରବାସୀଙ୍କ ପାଇଁ ଆପଣଙ୍କୁ କରିବାକୁ ହେବ ତାହେଲେ ଆପଣ ନିଜେ ତାର ସମାଧାନ କରୁଥିଲେ ।

- ହଜ୍‌ରତ୍ ମସିହ ମଉଦ ଆ:ସ ଅନେକ ସ୍ଥାନରେ ଏବଂ ଅଲଗା ଅଲଗା ସଭାରେ ଫିକାଃ ସମ୍ବନ୍ଧୀୟ ଯାହା ବର୍ଣ୍ଣନା କରିଛନ୍ତି ସେ ସବୁକୁ ନଜାରତ୍ ଇଶାଅତ୍ ପାକିସ୍ଥାନ ବହୁତ କଷ୍ଟକରି କିଛି ଓ୍ୱଲେମାଙ୍କ ଦ୍ୱାରା ଏକତ୍ରିତ କରିଛନ୍ତି ଏବଂ ଏହି ପୁସ୍ତକ ''ଫିକ୍‌ହୁଲ୍ ମସିହ'' ନାମରେ ଏଠାରେ ଛପା ହୋଇଛି । ଯମାତର ସମସ୍ତ ଲୋକଙ୍କୁ ସମସ୍ୟାଗୁଡିକର ସମାଧାନ ଜାଣିବା ପାଇଁ ଏହି ପୁସ୍ତକକୁ ନେବା ଉଚିତ୍ ।

- ଭ୍ରମଣବେଳେ କସର୍ ନମାଜ, ଯୁମା ନମାଜ ସହିତ ଅସର ନମାଜ ଏକାଠି ପଢ଼ିବା ଅବସରରେ ଯୁମା ନମାଜ ପୂର୍ବରୁ ସୁନ୍ନତ ପଢ଼ିବା ସମ୍ବନ୍ଧରେ, ଭ୍ରମଣ ସମୟରେ ଯୁମା ପଢ଼ିବା, ବିଶେଷ ମୁହୂର୍ତ୍ତରେ ଆଲୋକିତ କରିବା ଓ ବାଣ ଫୁଟାଇବା ସମ୍ବନ୍ଧୀୟ ହଜ୍‌ରତ୍ ମସିହ ମଉଦ ଆ:ସ ଙ୍କ ନିର୍ଦ୍ଦେଶାବଳୀର ଚର୍ଚ୍ଚା ।

- ମୋକରମା ଅମ୍‌ତୁଲ୍ ହଫିଜ୍ ରହମାନ୍ ସାହେବା ସ୍ତ୍ରୀ ମୋକରମ୍ ଡ଼ାଃ ଅତାଉର୍ ରହ୍‌ମାନ୍ ସାହେବ ମରୁହୁମ୍ ସାବିକ୍ ଅମିତ୍ ଜିଲ୍ଲା ସାହିଓ୍ୱାଲଙ୍କ ମୃତ୍ୟୁ ତାଙ୍କର ସୁଚରିତ୍ର ବର୍ଣ୍ଣନା ଓ ନମାଜ ଯନାଜାଃ ଗାଏବ୍ ପାଠ ।

## ଖୁତ୍‌ବା ଜୁମା: ସୟଦନା ହଜରତ ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ
## (ପ୍ରଦତ୍ତ:୨୨ ଅପ୍ରେଲ ୨୦୧୬ ଅନୁଯାୟୀ ୨୨ ଶାହାଦତ୍ ୧୩୯୫ ହି.ଶ)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ ۔ بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعَالَمِيْنَ ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔ اِيَّاكَ نَعْبُدُ وَاِيَّاكَ نَسْتَعِيْنُ ۔
اِهْدِنَا الصِّرَاطَ الْمُسْتَقِيْمَ ۔ صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ ۔

ତଶହୁଦ,ତଉଜ ଓ ସୁରେ ଫାତିହାର ଆବୃତି ପରେ ହଜୁର ଅନଓର ଅ.ବ କହିଲେ- ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ଥରେ ଏ ବିଷୟରେ ବର୍ଣ୍ଣନା କରି କହୁଥିଲେ ଯେ ମଣିଷ ପାଇଁ ଦୁଇଟି ଜିନିଷର ସଫାଇ ନିତ୍ୟାନ୍ତ ଆବଶ୍ୟକ । ଗୋଟିଏ ହେଲା ଭାବନା ଓ ଚିନ୍ତା, ଦ୍ୱିତୀୟଟି ହେଲା ସୂକ୍ଷ୍ମ ଭାବପ୍ରବଣତା । ପୁଣ୍ୟର ଭାବ ପ୍ରବଣତା ଏବଂ ମଣିଷର ଗଭୀର ଭାବପ୍ରବଣତା ଅର୍ଥାତ ଭାବପ୍ରବଣତାର ବୋଧ ହେବା ଏହା କେବଳ ସାମୟିକ ନ ହୋଇ ସର୍ବଦା ରହୁଥିବା ଭାବପ୍ରବଣତା ଯାହା ପୁଣ୍ୟ ଏବଂ ପବିତ୍ର ହୋଇଥାଏ, ତାହା ସେତେବେଳେ ହୁଏ ଯେବେ ହୃଦୟ ସମ୍ପୂର୍ଣ୍ଣ ରୂପେ ସଫା ହୋଇଯାଏ । ଅର୍ଥାତ୍ ସବୁବେଳେ ରହିବା ପାଇଁ ପୁଣ୍ୟ ଓ ପବିତ୍ର ଭାବପ୍ରବଣତା ସେତେବେଳେ ଜନ୍ମ ହୁଏ ଯେତେବେଳେ ହୃଦୟ ସମ୍ପୂର୍ଣ୍ଣ ରୂପେ ନିର୍ମଳ ହୋଇଯାଏ ଏବଂ ଚିନ୍ତାର ନିର୍ମଳତା ଅର୍ଥାତ୍ ମନ, ଭାବନା ଓ ଚିନ୍ତା ସର୍ବଦା ନିର୍ମଳ ରହେ ଯାହାକୁ ଆରବୀରେ 'ତନ୍‌ଓ୍ୱିର୍' କହନ୍ତି । ତାହା ମସ୍ତିଷ୍କର ନିର୍ମଳତାରୁ ମିଳିଥାଏ । ମଣିଷ ହୃଦୟରେ ଏପରି ଜ୍ୟୋତି ଜନ୍ମ ହୁଏ, ଯଦ୍ୱାରା ସର୍ବଦା ସଠିକ ଚିନ୍ତାଧାରା ପ୍ରକଟ ହୁଏ ତାକୁ ତନ୍‌ଓ୍ୱିର କହନ୍ତି । ଚେଷ୍ଟାକରି ପବିତ୍ର ଚିନ୍ତା କରିବାକୁ ତନ୍‌ଓ୍ୱିର୍ କହନ୍ତି ନାହିଁ । ଅଧିକନ୍ତୁ ଏପରି ଗୁଣ ଜନ୍ମ ନିଏ ଯଦ୍ୱାରା ସର୍ବଦା ସଠିକ୍ ଚିନ୍ତାଧାରା ଜନ୍ମ ହେଉଥାଏ, କୌଣସି ଖରାପ ଚିନ୍ତାଧାରା କଦାପି ଆସିନଥାଏ, ଏହା କେବଳ ଲଗାତାର ଚେଷ୍ଟା ଏବଂ ଅଲ୍ଲାଃଙ୍କ କୃପା ଦ୍ୱାରା ସାଧନ ହୋଇଥାଏ । ଯାହାହେଉ ଆପଣ ହଜରତ୍ ମସିହ ମଉଦ ଆ:ସଙ୍କ ଦୃଷ୍ଟାନ୍ତ ଦେଇ କହୁଛନ୍ତି ଯେ ମୁଁ ହଜ୍‌ରତ୍ ମସିହ ମଉଦ ଆ:ସଙ୍କ ନିକଟରୁ ନିଜେ ଶୁଣିଛି । କେବେ ଯଦି ଆପଣଙ୍କୁ କୌଣସି ଫିକାଃ ସମ୍ବନ୍ଧୀୟ ସମସ୍ୟାର ସମାଧାନ ପାଇଁ ପଚରାଯାଏ ତେବେ ଆପଣ କହିଦେଉଥିଲେ ଯେ ମୌଲବୀ ନୁରୁଦ୍ଦିନ୍ ସାହେବଙ୍କୁ ପଚରି ନିଅ ବା ମୌଲବୀ ଅବ୍‌ଦୁଲ୍ କରିମ୍ ସାହେବ ମରହୁମ୍‌ଙ୍କର ନାମ ନେଉଥିଲେ ବା ମୌଲବୀ ସୟଦ୍ ଅହ୍‌ସନ୍ ସାହେବ୍‌ଙ୍କ ନାମ ବା ଅନ୍ୟ କୌଣସି ମୌଲବୀଙ୍କ ନାମ ନେଇ କହୁଥିଲେ ଯେ ଯାଅ ତାଙ୍କ ଠାରୁ ବୁଝିନିଅ । ଏପରି ସମସ୍ୟାର ସମାଧାନର ବାଟ ସେମାନଙ୍କର ମନେ ରହୁଥିଲା । କାରଣ ସେମାନେ ସର୍ବଦା ଏହି କାର୍ଯ୍ୟରେ ଲାଗି ରହୁଥିଲେ ଏବଂ ଯେତେବେଳେ ଆପଣ ଦେଖୁଥିଲେ ଯେ କୌଣସି ଏପରି ସମସ୍ୟାର ସମାଧାନ କରିବା ଜଣେ ମାମୁର ହିସାବରେ ସଂସାରବାସୀଙ୍କ ପଥପ୍ରଦର୍ଶନ କରିବା ନିତ୍ୟାନ୍ତ ଆବଶ୍ୟକ, ତାହେଲେ ଆପଣ ନିଜେ ତାହାର ସମାଧାନ କରୁଥିଲେ । କିନ୍ତୁ ଏପରି ସମସ୍ୟା ଯାହା ନୂତନ ନୁହେଁ, ତାହେଲେ କହୁଥିଲେ ଯେ ଏହା ଅମୁକ ମୌଲବୀ ସାହେବଙ୍କଠାରୁ ବୁଝିନିଅ । ଯଦି ସେହି ମୌଲବୀ ସାହେବ୍ ମଜଲିସ୍(ସଭା)ରେ ଉପସ୍ଥିତ ଥାନ୍ତି ତାହେଲେ ତାଙ୍କୁ କହୁଥିଲେ କି ମୌଲବୀ ସାହେବ ଏହି ସମସ୍ୟାର ସମାଧାନ କଣ ହେବ? କିନ୍ତୁ ବେଳେବେଳେ ଏପରି ମଧ ହୁଏ କି ଯେବେ ଆପଣ କହନ୍ତି ଯେ ଅମୁକ ମୌଲବୀଙ୍କ ଠାରୁ ଏହା ବୁଝିନିଅ ବୋଲି ତତ୍ ସହିତ ଆପଣ ଏହା ମଧ କହି ନିଅନ୍ତି ଯେ 'ମୋର ମନ କହୁଛି ଯେ ଏହାର ସମାଧାନ ଏପରି ହେବା ଉଚିତ୍' ବୋଲି । ପୁଣି କହନ୍ତି ଯେ ଆମ୍ଭେ ପରୀକ୍ଷା କରି ଦେଖିଛୁ ଯେ ବେଳେବେଳେ କୌଣସି ସମସ୍ୟାର ବାଟ ଆମକୁ ଜଣା ନଥାଏ କିନ୍ତୁ ସେଥିପାଇଁ ମନରୁ ଯେଉଁ ଶବ୍ଦ ଆପେ ଆସିଥାଏ ତାହା ପରବର୍ତ୍ତୀ ସମୟରେ ଠିକ୍ ସେହିପରି ହଦିସ ଓ ସୁନ୍ନତରେ ମିଳିଥାଏ ।

ହଜ୍‌ରତ୍ ମୁସ୍‌ଲେହ ମଉଦ୍ କହୁଛନ୍ତି ଏହି ଜିନିଷକୁ ତନ୍‌ଓ୍ୱିର୍ କୁହାଯାଏ । ଅର୍ଥାତ୍ ମଣିଷର ମସ୍ତିଷ୍କରେ ଯେଉଁ ବିଚାର ଯନ୍ମ ନିଏ ତାହା ସଠିକ୍ ହୋଇଥାଏ । ଗୋଟିଏ ସୁସ୍ଥତା ତାହା ଯେତେବେଳେ ଜଣେ କହେ କି ମୁଁ ବର୍ତମାନ ସୁସ୍ଥ ଅଛି । ଆଉ ଗୋଟିଏ ସୁସ୍ଥତା ତାହା ଯେତେବେଳେ ମଣିଷ ଭବିଷ୍ୟତରେ ମଧ ସୁସ୍ଥ ରହେ । ତାହେଲେ 'ତନ୍‌ଓ୍ୱିର୍' ବିଚାରର ଉକ୍ତ ସଠିକତା ଯାହାଦ୍ୱାରା ଭବିଷ୍ୟତରେ ଯେଉଁ ଚିନ୍ତାଧାରା ଯନ୍ମ ନେବ ତାହା ସଠିକ୍ ହେବ । ଆପଣ କହୁଛନ୍ତି କି (ରୁହାନି) ଆଧ୍ୟାତ୍ମିକ ଉନ୍ନତି ପାଇଁ ଉତମ ଚିନ୍ତାଧାରା ନିତ୍ୟାନ୍ତ ଆବଶ୍ୟକ । ସେହିପରି ଆଧ୍ୟାତ୍ମିକ ଉନ୍ନତି ପାଇଁ ତକ୍‌ଓ୍ୱା ଓ ତାହାରତ୍ (ନିର୍ମଳ ହୃଦୟ)ର ଆବଶ୍ୟକ ହୋଇଥାଏ । ବାସ୍ତବିକତା ଏହା ଅଟେ ଯେ, ତନ୍‌ଓ୍ୱିର୍‌ର ଅର୍ଥ ମସ୍ତିଷ୍କ ସହିତ ଜଡିତ ହୋଇଥିବାବେଳେ ସେଠାରେ ତକ୍‌ଓ୍ୱା ହୃଦୟ ସହିତ ଜଡିତ ଥାଏ । ଲୋକେ ସାଧାରଣତଃ ନେକି (ପୁଣ୍ୟ) ଓ ତକ୍‌ଓ୍ୱା (ଧର୍ମଭୀରୁତା)କୁ ଏକାପରି ଭାବୁଛନ୍ତି । ଯଦି ଚ ପୁଣ୍ୟ ସେହି ପୁଣ୍ୟ କର୍ମକୁ କହନ୍ତି ଯାହା ଆମେ କରିସାରିଛେ ବା କରିବାକୁ ମନ ବଳାଇଛେ ଏବଂ ତକ୍‌ଓ୍ୱା ଏହା ଅଟେ ଯେ ମଣିଷ ମନରେ ଭବିଷ୍ୟତରେ ଯେଉଁ ଭାବପ୍ରବଣତା ଜନ୍ମହେବ ତାହା ପୁଣ୍ୟ(ନେକ)ହେଉ । ଯେପରି ଉପରେ ବର୍ଣ୍ଣନା କରାଗଲା ଯେ-ଚିନ୍ତା, ବିଚାର ଓ ଭାବନା ଯାହା ମସ୍ତିଷ୍କ ସହିତ ଜଡିତ ତାହା ତନ୍‌ଓ୍ୱିର ଅଟେ । ଭାବପ୍ରବଣତା ଯାହା ସର୍ବଦା ପୁଣ୍ୟ ଉପରେ ତିଷ୍ଠିଥାଏ, ତାହା ତକ୍‌ଓ୍ୱା ଅଟେ । ଏହାର ସମ୍ବନ୍ଧ ହୃଦୟ ସହିତ ଥାଏ । ଯେତେବେଳେ କୌଣସି ମଣିଷକୁ ସଠିକ୍ ବିଚାର ଏବଂ ହୃଦୟର ନିର୍ମଳତା ହାସଲ ହୋଇଯାଏ ତେବେ ସେ କୁକର୍ମର ଆକ୍ରମଣରୁ ବଂଚିଯାଇଥାଏ ଏବଂ ଯେତେବେଳେ କୁକର୍ମର ଆକ୍ରମଣରୁ ବଂଚିଯାଏ ତେବେ ସେ ଅଲ୍ଲାଃଙ୍କ କୃପାର ଛତ୍ରଛାୟା ତଳେ ଆସିଥାଏ । (ଅଲ୍‌ଫଜଲ୍ ୯ ମାର୍ଚ୍ଚ ୧୯୩୮)

ମସିହା, ପୃଷ୍ଠା-୨, ଖଣ୍ଡ-୨୬, ଅଙ୍କ-୫୫)। ଯେପରି ହଜ୍‌ରତ୍ ମୁସ୍‌ଲେହ ମଉଦ ର:ଅ କହିଲେ ଯେ ସାଧାରଣତଃ ହଜ୍‌ରତ୍ ମସିହ ମଉଦ ଆ:ସ କେତେକ ପ୍ରଶ୍ନ କରିବା ବ୍ୟକ୍ତିଙ୍କୁ ସଂସ୍ଥାର ଅନ୍ୟ ଓ୍ୱଲେମାଙ୍କ ନିକଟକୁ ପଠାଇଦେଉଥିଲେ। କିନ୍ତୁ ବହୁତ ପ୍ରଶ୍ନ ଏପରି ଥିଲା ଯାହା ଛୋଟ ଲାଗୁଥିଲେ ମଧ୍ୟ ଏହାଦ୍ୱାରା ସେ ସଂସ୍ଥାର ଓ୍ୱଲେମାଙ୍କର (ଇସ୍‌ଲାହ) ସଂସ୍କାର କରୁଥିଲେ। ଯେପରି ଭ୍ରମଣ ସମୟରେ ନମାଜ କସର(ଛୋଟ) କରିବା ଏ ପ୍ରଶ୍ନ ଦ୍ୱାରା କି କାହାକୁ (ସଫର) ଭ୍ରମଣ କୁହାଯିବ ଏବଂ କସର୍ ନମାଜର ନିର୍ଦ୍ଦେଶ ଉପରେ କିପରି ଅମଳ ହେବ। ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି କି ମୋର ଚିନ୍ତାଧାରା ଏହା ଅଟେ ଯେ ମଣିଷ ନିଜ ଉପରେ ବହୁତ ବୋଝ ନ ରଖୁ। (ଅର୍ଥାତ୍-ନିଜ ଉପରେ ଅଧିକ କଷ୍ଟ ଲଦି ନ ଦେଉ)। ସର୍ବସାଧାରଣରେ ଯାହାକୁ ସଫର୍ କୁହାଯାଏ ତାହା ଦୁଇତିନି ମାଇଲ୍ ହୋଇଥିଲେ ମଧ୍ୟ ସେ ଏଠାରେ କସର୍ (ନମାଜକୁ ଛୋଟ କରିବା) ଓ ସଫରର ନିର୍ଦ୍ଦେଶାନୁସାରେ ଅମଳ କରୁ। ''ଇନ୍ନମଲ୍ ଆମାଲୋ ବିନ୍ ନିୟାତ୍'' କହିଲେ ଯେ ଆମେ ବେଳେବେଳେ ଦୁଇତିନି ମାଇଲ ସାଙ୍ଗସାଥିଙ୍କ ସଙ୍ଗେ ପ୍ରାତଃ ଭ୍ରମଣରେ ଚାଲିଯାଉଛୁ କିନ୍ତୁ କାହା ମନରେ ଏହା ଆସେ ନାହିଁ କି ଆମେ ସଫର୍ କରୁଛୁ ବୋଲି। କିନ୍ତୁ ଯେତେବେଳେ ମଣିଷ ତାର ଗଣ୍ଠିଲି ଧରି ସଫରର ନିୟତ୍‌ରେ ବାହାରି ପଡ଼େ ଓ ନିଜ ଜିନିଷକୁ ଧରି ଚାଲିଥାଏ ତେବେ ସେ ମୁସାଫିର୍ ହୋଇଯାଏ। ଆପଣ କହିଲେ ଯେ ଶରିୟତ୍‌ର ମୁଳଦୁଆ କଷ୍ଟ ଉପରେ ନିହିତ ନୁହେଁ। ଯାହାକୁ ତୁମେ ସର୍ବସାଧାରଣରେ ସଫର୍ ବୋଲି ଭାବୁଛ ତାହା ହିଁ ସଫର ଅଟେ। (ମଲ୍‌ଫୁଜାତ୍ ଖଣ୍ଡ-୨, ପୃଷ୍ଠା-୨୧୧, ୧୯୮୫ ମସିହା ଇଂଲଣ୍ଡରୁ ଉଦ୍ଧୃତ) ଏଥିରୁ ସ୍ପଷ୍ଟ ହୋଇଯାଉଛି ଯେ ସଫର୍ ତାହା ଅଟେ, ଯାହା ତୁମେ ସଫରର ନିୟତ ସହିତ କରିଥାଅ। କିଛିଦିନ ପୂର୍ବେ ମୁଁ ଏଠି ଏକ ମସ୍‌ଜିଦ୍‌ର ଉଦ୍‌ଘାଟନ ପାଇଁ ଯାଇଥିଲି ଏହା ବୋଧେ ଲେଇସ୍ତେର (Leicester) ମସ୍‌ଜିଦ୍‌ର ଉଦ୍‌ଘାଟନ ସେଠି ମୁଁ ଇଶା ନମାଜ ସମ୍ପୂର୍ଣ୍ଣ ପଢ଼ାଇଲି। କିଛି ଲୋକଙ୍କ ମନରେ ପ୍ରଶ୍ନ ଉଠିଲା ଯେ ମୁଁ କସର୍ ପଢ଼ାଇଲି ନାହିଁ। ସେହି ସମୟରେ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ଉକ୍ତ ନିର୍ଦ୍ଦେଶ ମୋ ମୁଣ୍ଡକୁ ଆସିଲା ଯେ ''ସାମାନ୍ ଉଠାଇ ସଫରର ନିୟତ କରି ଯେଉଁ ସଫର୍ କରାଯାଏ ତାହା ସଫର୍ ଅଟେ। ଯେହେତୁ ଏହି ସଫର୍ ସେଭଳି ନଥିଲା ମୋର ଏହିକ୍ଷଣି ଲେଉଟି ଯିବାର ଥିଲା ତେଣୁ ମୁଁ କସର୍ ପଢ଼ାଇଲି ନାହିଁ। ପୁଣି ଇନ୍ନମଲ୍ ଆମାଲୋ ବିନ୍ନିୟାତ୍‌କୁ ମଧ୍ୟ ସାମନାରେ ରଖନ୍ତୁ। ଯଦି ଏହା ଆଖି ଆଗରେ ରହେ ତେବେ ମଣିଷ ନିଜ ଉପରେ ଅଧିକ ବୋଝ ରଖିବ ନାହିଁ ଓ ଅତ୍ୟଧିକ ଆରାମ ଖୋଜିବ ନାହିଁ। କେବଳ ଅଲ୍ଲା ଓ ତାର ରସୁଲଙ୍କ ନିର୍ଦ୍ଦେଶାନୁସାରେ ପରିଚାଳିତ ହେବ।

ଏହାକୁ ସ୍ପଷ୍ଟ କରିବା ପାଇଁ ହଜ୍‌ରତ୍ ମସିହ୍ ମଉଦ ଗୋଟିଏ ସ୍ଥାନରେ କହୁଛନ୍ତି କି ''ହିଁ ନିଜର ନିୟତ୍‌କୁ ସଠିକ୍‌ରୂପେ ଦେଖନିଅ। ଏପରି ସମସ୍ତ କଥାରେ ତକ୍‌ୱାକୁ ବହୁତ ଧ୍ୟାନ ଦେବା ଉଚିତ୍। ଯଦି କୌଣସି ବ୍ୟକ୍ତି ପ୍ରତ୍ୟେକ ଦିନ ମାମୁଲି କାମଧନ୍ଦା ଓ ସଫର୍ (ଭ୍ରମଣ) ପାଇଁ ଯାଉଛି ତେବେ ତାହା ସଫର୍ ନୁହେଁ।କିନ୍ତୁ ସଫର୍ ତାହା ଯାହା ମଣିଷ ବିଶେଷ ଭାବେ କରିଥାଏ ଏବଂ କେବଳ ଏହି କାମ ପାଇଁ ଘର ଛାଡିଯାଏ ଯାହାକୁ ସର୍ବସାଧାରଣରେ ସଫର କୁହାଯାଇଥାଏ। ଏହି ସମୟରେ ମନର ଶାନ୍ତିକୁ ଦେଖିଦେବା ଉଚିତ୍ ଯେ ସେ କ'ଣ କହୁଛି ଯଦି ବିନା ଦ୍ୱିଧାରେ ମନ କହୁଛି ଯେ ଏହା ସଫର୍ ତା'ହେଲେ କସର୍ ନମାଜ ପଢ଼- ''ଇସ୍‌ତଫ୍‌ତି କଲ୍‌ବିକା'' (ଅର୍ଥାତ୍ ନିଜ ମନକୁ ପଚାରି ବୁଝି) ତା ଉପରେ ଅମଳ କରିବା ଉଚିତ୍। ପୁଣି କହିଲେ ଯେ ହଜାରେ ଫତ୍‌ୱା ଥିଲେ ମଧ୍ୟ ମୋମିନ୍‌ର ପବିତ୍ର ଉଦ୍ଦେଶ୍ୟ ସହିତ ହୃଦୟ ବୋଧ ହେବା ଉତମ ଅଟେ। (ମଲ୍‌ଫୁଜାତ୍ ଖଣ୍ଡ-୧୦, ପୃଷ୍ଠା-୯୯-୧୦୦, ଏଡ଼ିଶନ୍-୧୯୮୫)

ତେଣୁ ନିୟତ ଏବଂ ହୃଦୟର ଫତ୍‌ୱାକୁ ବେଳେବେଳେ ଗ୍ରହଣ କରିବା ଉଚିତ୍। ପବିତ୍ର ଉଦ୍ଦେଶ୍ୟ ହେବା ଦରକାର ଏବଂ ତତ୍ ସହିତ ହୃଦୟକୁ ପଚାରି ଫତ୍‌ୱା ଗ୍ରହଣ କରିବାକୁ ହେବ।

ଜଣେ ପ୍ରଶ୍ନ କଲେ ଯେ ଯିଏ ମରକଜ୍‌କୁ ଆସୁଛନ୍ତି ସେ କସର୍ କରିବେ କି ନାହିଁ? ଏହି ପ୍ରଶ୍ନ ହଜ୍‌ରତ୍ ମସିହ୍ ମଉଦ ଆ:ସଙ୍କୁ କରାଗଲା ଏବଂ ଏବେ ମଧ୍ୟ କିଛି ଲୋକ ଏହି ପ୍ରଶ୍ନ କରୁଛନ୍ତି। କିଛି ଲୋକ ଭାବୁଛନ୍ତି ଯେ ମରକଜ୍‌ରେ ପହଂଚିଲେ କସର ହୁଏ ନାହିଁ। କାଦିୟାନ୍ ରବ୍‌ୱା ଏବଂ ଏଠାକୁ (ଲଣ୍ଡନ) ମଧ୍ୟ ଲୋକ ଆସୁଛନ୍ତି। ଆପଣ ଆ:ସ କହିଲେ କି ଯେଉଁ ବ୍ୟକ୍ତି ତିନିଦିନ ପାଇଁ ଏଠାକୁ ଆସୁଛି ତା'ପାଇଁ କସର ନମାଜ ଜାଏଜ୍ ଅଛି। ମୋ ଜାଣିବାରେ ଯେଉଁ ସଫର୍ ସଫରର ଇରାଦା ସହିତ ହୋଇଥାଏ, ପୁଣି ତାହା ତିନିଚାରି କୋସ ରାସ୍ତା ହୋଇଥିଲେ ମଧ୍ୟ ଏଠି କସର କରିବା ଉଚିତ୍। ହିଁ ଯଦି ଇମାମ୍ ସ୍ଥାନୀୟ ଅଟନ୍ତି ତେବେ ତାଙ୍କ ପଛରେ ପୁରା ନମାଜ ପଢ଼ିବାକୁ ହେବ। ମରକଜ୍ ହେଉ ବା ଅନ୍ୟ କେଉଁଠି ଯେଉଁଠିକି ତୁମେ ଯାଅ ଯଦି ସେଠାରେ ସ୍ଥାନୀୟ ଇମାନ୍ ନମାଜ ପଢ଼ାଉଛନ୍ତି ତେବେ ସେ ସମ୍ପୂର୍ଣ୍ଣ ନମାଜ ପଢ଼ାଇବେ ଏବଂ ମୁସାଫିର୍ ମଧ୍ୟ ସମ୍ପୂର୍ଣ୍ଣ ନମାଜ ପଢ଼ିବେ। ପୁଣି କହିଲେ ଯେ ହୁକାମ୍ (ଶାସନ ଅଧିକାରୀ)ଙ୍କ ଗସ୍ତ ସଫର୍ ନୁହେଁ। ଯେଉଁମାନେ ଗସ୍ତରେ ଯାଉଛନ୍ତି ଯେପରି ଅଫିସର୍‌ମାନେ, ତାଙ୍କର ସଫରକୁ ସଫର କୁହାଯାଏନାହିଁ। ତାହା ଏପରି ଯେପରି ଜଣେ ତାଙ୍କ ନିଜ ବଗିଚାରେ ବୁଲୁଛି। ତେଣୁ ଏଠି ସଫରର କୌଣସି ଅସ୍ତିତ୍ୱ ନାହିଁ। (ମଲ୍‌ଫୁଜାତ୍ ଖଣ୍ଡ-୫, ପୃଷ୍ଠା-୩୧୧)

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ବେଳେବେଳେ ନିଜ ସାହାବାଙ୍କ ସମସ୍ୟାର ସମାଧାନ କରିଦେଉଥିଲେ। ଏହି ବିଷୟରେ କାଜି ଅମିର୍ ହୁସେନ୍ ସାହେବ୍ କହୁଛନ୍ତି କି ମୋର ଆରମ୍ଭରୁ ଏ ବିଶ୍ୱାସ ଥିଲା ଯେ ସଫର୍ ସମୟରେ ସାଧାରଣ ଅବସ୍ଥାରେ ନମାଜ କସର୍ କରିବା ଉଚିତ୍ ନୁହେଁ। କେବଳ ଯୁଦ୍ଧ ଓ ଫିତ୍‌ନା ଫଂସାଦ ସମୟରେ କସର କରାଯିବା କଥା। ଏହି ବିଷୟରେ ମୁଁ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଅୱଲଙ୍କ ସହିତ ବହୁତ ଯୁକ୍ତି କରୁଥିଲି। କାଜି ସାହେବ୍ କହୁଛନ୍ତି କି ଯେଉଁଦିନ ମାନଙ୍କରେ (ସମୟରେ) ହଜରତ୍ ମସିହ୍ ମଉଦ୍ ଆ:ସଙ୍କର ଗୁରୁଦାସ୍‌ପୁର୍‌ରେ ମୋକଦ୍ଦମା ଚାଲୁଥିଲା। ଥରେ ମୁଁ ସେଠାକୁ ଯାଇଥିଲି। ହଜ୍‌ରତ୍ ମସିହ ମଉଦ ଆ:ସଙ୍କ ସହିତ ହଜ୍‌ରତ୍ ମୌଲବୀ ସାହେବ ଅର୍ଥାତ୍ ଖଲିଫ ତୁଲ୍ ମସିହ୍ ଅୱଲ ଓ ମୌଲବୀ ଅବ୍‌ଦୁଲ୍ କରିମ୍ ସାହେବ ମଧ୍ୟ ଥିଲେ। କିନ୍ତୁ ଯେତେବେଳେ ଯୋହର୍ ନମାଜର୍ ସମୟ ଆସିଲା ହଜ୍‌ରତ୍ ମସିହ ମଉଦ୍ ଆ:ସ ମତେ କହିଲେ କି ତୁମେ ନମାଜ ପଢ଼ାଅ। ଅର୍ଥାତ୍ କାଜି ସାହେବଙ୍କୁ କହିଲେ, ସେ ମନେ ମନେ ଭାବିଲେ ଆଜି ମୌକା ମିଳିଛି ତେଣୁ ମୁଁ କସର ନ କରି ପୁରା ନମାଜ ପଢ଼ାଇବି ଏବଂ ଏ ସମସ୍ୟାର କିଛି ସମାଧାନ ମଧ୍ୟ ହୋଇଯିବ। ଯେବେ ପଢ଼ିନେବି ତ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନିଜେ କିଛି ଫତ୍‌ୱା ଦେବେ। କାଜି ସାହେବ କହୁଛନ୍ତି ମୁଁ ଏ ନିଷ୍ପତି ନେଇ ଅଲ୍ଲାହୁ ଅକ୍‌ବର୍ କହିବା ପାଇଁ ହାତ ଉପରକୁ ଉଠାଇଥିଲି ଏବଂ ଏହି ଉଦ୍ଦେଶ୍ୟରେ ଉଠାଇଥିଲି ଯେ ମୁଁ ଆଜି କସର୍ କରିବି ନାହିଁ। ହଜ୍‌ରତ୍ ମସିହ ମଉଦ ଆ:ସ ମୋ ଡାହାଣ ପଟେ ଛିଡା ହୋଇଥିଲେ। ଆପଣ ତତ୍‌କ୍ଷଣାତ ଗୋଡ଼ ବଢ଼ାଇ ଆଗକୁ ଆସିଲେ ଏବଂ ମୋ କାନରେ ମୁହଁ ଲଗାଇ କହିଲେ କାଜିସାହେବ୍! ଦୁଇ ରେକାତ ପଢ଼ାଇବେତ ମୁଁ କହିଲି ହଜୁର ଦୁଇ ରେକାତ୍ ପଢ଼ାଇବି। କାଜି ସାହେବ କହୁଛନ୍ତି ଯେ ସେହି ସମୟଠାରୁ ମୋର ସମସ୍ୟାର ସମାଧାନ ହୋଇଗଲା ଏବଂ ମୁଁ ନିଜ ବିଚାରକୁ ଛାଡ଼ିଦେଲି। (ଉଦ୍ଧୃତ ସିରତୁଲ୍ ମେହେଦୀ ଖଣ୍ଡ-୧, ପୃଷ୍ଠା-୨୪-୨୫, ରିଓ୍ୱାୟତ୍, ନମ୍ବର-୩୩)

ଏହା ସାହାବାଙ୍କର ଅମଳ ଥିଲା ଯେ କିପରି ସେମାନେ ଖୋଲା ହୃଦୟର ସହିତ ତତ୍‌କ୍ଷଣାତ୍ ନିଜ ନିଷ୍ପତିକୁ ନିଃଶେଷ କରିଦେଉଥିଲେ। ଏ ବିଷୟରେ ଏହା ମଧ୍ୟ ମୁଁ ଜଣାଇଲି କି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଅନ୍ୟାନ୍ୟ ସ୍ଥାନରେ ଫିକାଃ ସମ୍ବନ୍ଧୀୟ ସମସ୍ୟାକୁ ବର୍ଣ୍ଣନା କରିଛନ୍ତି। ଏହା ନୁହେଁ ଯେ ସବୁ ସମସ୍ୟା (ସମାଧାନ ପାଇଁ) ଆପଣ ଓ୍ୱଲେମାଙ୍କ ନିକଟକୁ ପଠାଇଦେଉଥିଲେ। ନିଜେ ମଧ୍ୟ ବର୍ଣ୍ଣନା କରୁଥିଲେ। ଏହିପରି ଅନେକ ସ୍ଥାନରେ ଏବଂ ଅନେକ ମଜ୍‌ଲିସ୍‌ରେ ଆପଣ ଫିକାଃ ସମ୍ବନ୍ଧୀୟ ଯେଉଁ ସମସ୍ୟାଗୁଡିକୁ ବର୍ଣ୍ଣନା କରିଛନ୍ତି ସେ ସବୁକୁ ନଜାରତ୍ ଇଶାଅତ୍ ପାକିସ୍ତାନ୍ ବହୁତ କଷ୍ଟକରି କିଛି ଓ୍ୱଲେମାଙ୍କ ଦ୍ୱାରା ଏକାଠି କରିଛନ୍ତି, ସେମାନଙ୍କ ମଧ୍ୟରେ ଯାମିଆର ପ୍ରଫେସର ଓ ଛାତ୍ରମାନେ ମଧ୍ୟ ସଂଶ୍ଳିଷ୍ଟ ଅଛନ୍ତି। ଏହି ପୁସ୍ତକ ''ଫିକ୍‌ହୁଲ୍ ମସିହ୍'' ନାମରେ ଏଠି ଛପା ସରିଛି। ଯମାତର ଲୋକକୁ ସମସ୍ୟାର ସମାଧାନକୁ ଜାଣିବା ପାଇଁ ଏହି ପୁସ୍ତକୁ ନେବା ଉଚିତ୍। ଅଲ୍ଲାଃତାଲା ସେମାନଙ୍କୁ ଏହାର ସୁଫଳ ଦିଅନ୍ତୁ ଯେଉଁମାନେ ଏହିସବୁ କଥା ଓ ଏ ବିଷୟବସ୍ତୁକୁ ଏକତ୍ରିତ କରିଛନ୍ତି ଏବଂ ବହୁତ ସୁନ୍ଦର ରୂପେ ଏକତ୍ରିତ କରିଛନ୍ତି। ଯାହାହେଉ ମୁଁ ଏ ବିଷୟ ସମୟ ସମୟରେ ବର୍ଣ୍ଣନା କରିଚାଲିବି।

ଯୁମା ନମାଜ ସହିତ ଯଦି ଅସର ନମାଜ ଏକାଠି (ଯମା) ପଢ଼ାଯାଏ ତେବେ ଯୁମା ନମାଜ ପୂର୍ବରୁ ସୁନ୍ନତ ପଢ଼ିବା ଉଚିତ୍। ଏହି ବିଷୟରେ ବୁଝାଇବା ପାଇଁ ହଜ୍‌ରତ୍ ମୁସ୍‌ଲେହ ମଉଦ ହଜ୍‌ରତ୍ ମସିହ୍ ମଉଦଙ୍କ ହାଓ୍ୱାଲା ଦେଇ କହନ୍ତି କି ମୋତେ ଗୋଟିଏ ପ୍ରଶ୍ନ କରାଗଲା। ହଜ୍‌ରତ୍ ମୁସ୍‌ଲେହ ମଉଦ୍ ସଫରରେ ଥିଲେ ତ ତାଙ୍କୁ ପ୍ରଶ୍ନ କରାଗଲା କି ଏବେ ଯୁମା ନମାଜ ସମୟରେ କିଛି ଲୋକଙ୍କ ମଧ୍ୟରେ ମତଭେଦ ହୋଇଛି କି ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଫତ୍‌ୱା ଏହା ଯେ ଯଦି ନମାଜ ଯମା କରାଯାଏ ତା'ହେଲେ ପ୍ରଥମ, ଶେଷ ଓ ମଝିରେ ଥିବା ସମସ୍ତ ସୁନ୍ନତ ନମାଜ ମାଫ୍ କରିଦିଆଯାଏ। ଏଥିରେ କୌଣସି ଶଙ୍କା ନାହିଁ। ସେ ଯେବେ ଯୋହର ଓ ଅସର ନମାଜ ଯମା କରାଯାଏ ତେବେ ପ୍ରଥମ ଓ ମଝିରେ ଥିବା ସୁନ୍ନତ ମାଫ୍ ହୋଇଯିବ ବା ଯଦି ମଗ୍‌ରିବ୍ ଓ ଇଶା ନମାଜ ଯମା କରାଯାଏ ତେବେ ମଝି ଓ ଶେଷରେ ଥିବା ସୁନ୍ନତ ମାଫ ହୋଇଯାଏ। କିନ୍ତୁ ଆପଣ କହୁଛନ୍ତି କି ମତଭେଦ ଏହା ହୋଇଛି ଯେ ସେ ଗୋଟିଏ ଯାତ୍ରାରେ ମୋ ସହିତ ଥିଲେ ଅର୍ଥାତ୍ ହଜ୍‌ରତ୍ ମୁସ୍‌ଲେହ ମଉଦଙ୍କ ସହିତ। ମୁଁ ଯୁମା ଓ ଅସର୍‌ନମାଜ୍ ଏକାଠି (ଯମା) କରି ପଢ଼ାଇଲି ଏବଂ ଯୁମା ପୂର୍ବରୁ ସୁନ୍ନତ ମଧ୍ୟ ପଢ଼ିଲି। ଏହା ଦୁଇଟି କଥା ଠିକ୍ ଅଛି। ନମାଜ ଯମା (ଏକାଠି ପଢ଼ିବା)

ଦ୍ୱାରା ସୁନ୍ନତ ମାଫ୍ ହୋଇଯାଇଥାଏ । ଏହା ମଧ୍ୟ ଠିକ୍ ଏବଂ ତାହା ମଧ୍ୟ ଠିକ୍ କି ରସୁଲେ କରିମ୍ ସ୍ୱ:ଆ:ସ ଯୁମା ନମାଜ ପୂର୍ବରୁ ଯେଉଁ ସୁନ୍ନତ ଅଛି ତାହା ମଧ୍ୟ ପଢୁଥିଲେ । ମୁଁ ଏହା ଯାତ୍ରା ସମୟରେ ପଢ଼ିଛି ଏବଂ ପଢ଼ିଉଲିଛି ଏବଂ କାରଣ ଏହା ଯେ ଯୁମା ନମାଜ ଆସ୍ଥରୁ ଯେଉଁ ନଫିଲ୍ ପଢ଼ାଯାଉଛି । ତାହା ଯୋହର୍ ନମାଜର ପୂର୍ବ ସୁନ୍ନତଠାରୁ ଭିନ୍ନ ଅଟେ । ତାକୁ ରସୁଲ୍ କରିମ୍ ସ୍ୱ:ଅ:ର ଯୁମାର ସମ୍ମାନ ପାଇଁ ପ୍ରତିଷ୍ଠା କରିଛନ୍ତି ।

ସଫର (ଯାତ୍ରା) ରେ ଯୁମା ନମାଜ ପଢ଼ିପାରିବେ ଓ ଛାଡ଼ିପାରିବେ ମଧ୍ୟ । ଅର୍ଥାତ୍ ଯଦି କିଏ ସଫର୍‌ରେ ଅଛି ତା'ହେଲେ ଯୁମା ନମାଜ ପଢ଼ିପାରିବେ ଓ ଛାଡି ମଧ୍ୟ ପାରିବେ । ଛାଡିବାର ଅର୍ଥ ଏହା ନୁହେଁ କି ନମାଜ ପଢ଼ିବା ଛାଡ଼ିଦିଅ, ତା ବଦଳରେ ଯୋହର୍ ନମାଜ ପଢ଼ିବେ । ସେ କହୁଛନ୍ତି ମୁଁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ଯାତ୍ରା ସମୟରେ ଯୁମା ନମାଜ ପଢ଼ିବାର ଦେଖିଛି ଓ ଛାଡିବାର ମଧ୍ୟ ଦେଖିଛି । ଥରେ ଗୋଟିଏ ମୋକଦ୍ଦମା ପାଇଁ ହଜ୍‌ରତ୍ ମସିହ୍ ମଉଦ ଆ:ସ ଗୁରୁଦାସ୍‌ପୁର୍ ଯାଇଥିଲେ ଏବଂ ସେଠି ବହୁତ ବ୍ୟସ୍ତତା ଥିଲା । ଆପଣ କହିଲେ କି ଆଜି ଯୁମା ହେବନାହିଁ କାରଣ ଆମ୍ଭେ ସଫର୍‌ରେ ଅଛୁ । ଜଣେ ବ୍ୟକ୍ତି ଯାହାଙ୍କ ପ୍ରକୃତିରେ ସଙ୍କୋଚତା ନଥିଲା ସେ ଆପଣଙ୍କ ନିକଟକୁ ଆସି କହିଲା ଯେ ଶୁଣିବାକୁ ପାଇଲିବି ଆଜି ହଜୁରଙ୍କ ନିର୍ଦ୍ଦେଶ ଅଛି ଯେ ଆଜି ପୁରା ନମାଜ ପଢ଼ାହେବ ନାହିଁ ବୋଲି । ହଜରତ୍ ଖଲିଫତୁଲ୍ ମସିହ୍ ଅୱଲ ଏପରିତ ଗୁରୁଦାସ୍‌ପୁରରେ ରହନ୍ତି । କିନ୍ତୁ ସେହିଦିନ କୌଣସି କାର୍ଯ୍ୟ ପାଇଁ କାଦିୟାନ୍ ଯାଇଥିଲେ । ତେଣୁ ଉକ୍ତ ବ୍ୟକ୍ତିଜଣକ ଭାବିଲେ ଯେ ଯୁମାନମାଜ ନପଢ଼ିବାକୁ ଏଥିପାଇଁ ନିର୍ଦ୍ଦେଶ ଦିଆଯାଇଛି କି ମୌଲବୀ ସାହେବ ଏଠି ନାହାନ୍ତି । ସେ ଯୁମ ପଢ଼ନ୍ତି ତେଣୁ ସେ କହିଲେ ହଜୁର୍ ମତେ ଯୁମା ପଢ଼ାଇବା ଜଣାଅଛି । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଲେ ହଁ ନିଶ୍ଚୟ ଜଣାଥିବ, କିନ୍ତୁ ଆମେ ତ ସଫର (ଯାତ୍ରା)ରେ ଅଛୁ । ତେଣୁ ଆଜି କେବଳ ଯୋହର୍ ନମାଜ ପଢୁଛୁ । ସେହି ବ୍ୟକ୍ତିଜଣକ କହିଲେ ହଜୁର ମତେ ଭଲଭାବେ ଯୁମା ନମାଜ ପଢ଼ାଇବାର ଜ୍ଞାନ ଅଛି ଏବଂ ମୁଁ ବହୁବାର ପଢ଼ାଇଛି ମଧ୍ୟ । ଯେତେବେଳେ ଉକ୍ତ ବ୍ୟକ୍ତିଙ୍କୁ ଯୁମା ପଢ଼ାଇବା ପାଇଁ ପ୍ରବଳ ଇଚ୍ଛା ଦେଖିଲେ ତେବେ କହିଲେ ଠିକ୍ ଅଛି ଆଜି ଯୁମା ପଢ଼ାଯାଉ ।

ହଜ୍‌ରତ୍ ମୁସ୍‌ଲେହ୍ ମଉଦ କହୁଛନ୍ତି କି ମୁଁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ସଫର୍‌ରେ ଯୁମା ପଢ଼ିବାର ମଧ୍ୟ ଦେଖିଛି ଓ ଯୁମା ଛାଡ଼ିବାର ମଧ୍ୟ ଦେଖିଛି । ଯଦି ସଫର୍‌ରେ ଯୁମା ପଢ଼ାଯାଏ ତେବେ ମୁଁ ପ୍ରଥମ ସୁନ୍ନତକୁ ପଢ଼େ ଏବଂ ମୋର ମଧ୍ୟ ଏହା ମତ ଯେ ତାହା ପଢ଼ିବା ଉଚିତ୍ । ସାଧାରଣତଃ ଏହା କରିବା ପାଇଁ ନିର୍ଦ୍ଦେଶ ଅଛି । କାରଣ ଏହା ଅନ୍ୟ ସୁନ୍ନତଠାରୁ ସ୍ୱତନ୍ତ୍ର ଏବଂ ଯୁମାର ସମ୍ମାନ ପାଇଁ ପଢ଼ାହୁଏ । (ଅଲ୍‌ଫଜଲ୍ ତା-୨୪-୦୧-୧୯୪୨, ପୃଷ୍ଠା-୧, ଖଣ୍ଡ-୨୦, ସଂଖ୍ୟା-୨୧) ତେଣୁ ଯୁମା ଓ ଅସର ନମାଜ (ଯମା) ଏକତ୍ରିତ ପଢ଼ା ଯାଉଥିଲେ ମଧ୍ୟ ଦୁଇ ରେକାତ୍ ସୁନ୍ନତ ଯାହା ଯୁମା ପୂର୍ବରୁ ପଢ଼ାଯାଏ ତାହା ପଢ଼ିବା ଉଚିତ୍ ।

ମଣିଷ ଜୀବନରେ ବ୍ୟତିଗତ ଖୁସିର ଅବସର ଆସିଥାଏ । ଜମାତି ଓ ଦେଶ ପାଇଁ ମଧ୍ୟ ଖୁସିର ଅବସର ମିଳିଥାଏ । ଏହି ଅବସରମାନଙ୍କରେ ତାହା ପ୍ରକଟିତ ମଧ୍ୟ ହୋଇଥାଏ । କିନ୍ତୁ କିଛିଲୋକ ଏଥିରେ ସମାନତା ରକ୍ଷା କରିପାରନ୍ତି ନାହିଁ । ଅର୍ଥାତ୍ ଖୁସିର ପ୍ରକଟ ପାଇଁ ଅତ୍ୟଧିକ ଖର୍ଚ୍ଚ କରିନିଅନ୍ତି ବା ଧର୍ମ ନାମରେ ବା ଅନ୍ୟ କୌଣସି ନାମରେ ବାହ୍ୟ ଖୁସିର ପ୍ରକଟକୁ ବିଲ୍‌କୁଲ୍ ପାପ ବୋଲି ଧରିନିଅନ୍ତି । ଇସ୍‌ଲାମ ଏହି ଦୁଇ ପ୍ରକ୍ରିୟାର ଖଣ୍ଡନ କରେ । ହଜ୍‌ରତ୍ ମସିହ ମଉଦ୍ ଆ:ସ ଯିଏ ଏ ଯୁଗରେ ଆମକୁ ଇସ୍‌ଲାମୀୟ ଶିକ୍ଷାନୁସାରେ ସମାନତାର ଶିକ୍ଷା ପରିଚାଳିତ କରିବା ପାଇଁ ବସ୍ତୁ, ଧର୍ମ ସମ୍ବନ୍ଧରେ ଓ ସାଂସାରିକ ଜୀବନ ସମ୍ପର୍କୀୟ ସମାଧାନର ରାସ୍ତା ଦେଖାଇଛନ୍ତି । ନମାଜ ବିଷୟରେ ତ ମୁଁ କହିସାରିଛି । ଏବେ ଜଣେ କିପରି ସାଂସାରିକ ଖୁସିକୁ ଉପଭୋଗ କରିବା ଉଚିତ୍ । ଏହି ସମ୍ବନ୍ଧରେ ହଜ୍‌ରତ୍ ମୁସ୍‌ଲେହ ମଉଦ ର:ଅ ହଜ୍‌ରତ୍ ମସିହ୍ ମଉଦ ଆ:ସଙ୍କ ଗୋଟିଏ କାର୍ଯ୍ୟର ଉଦାହରଣ ଦେଇଛନ୍ତି, ତାହ ମୁଁ ଏଠାରେ ଉପସ୍ଥାପନ କରୁଛି । ଆପଣ କହିଲେ ଯେ ହଜ୍‌ରତ୍ ମସହ୍ ମଉଦ ଆ:ସ ଦ୍ୱାର ଦୀପ ଜାଳିବାର ଦୃଷ୍ଟାନ୍ତ ଅଛି । ଅର୍ଥାତ୍ ବିଶେଷ ମୁହୂର୍ତ୍ତରେ ଦୀପ ଜାଳି ଖୁସି ମନାଇବା । ଏହା କହିବାର ତାତ୍ପର୍ଯ୍ୟ ଏହା ହେ ରାଣୀ ଭିକ୍ଟୋରିଆଙ୍କ ଜୁବୁଲି ଉତ୍ସବରେ ଦୀପ ଜାଳି ଲୋକମାନେ ଉତ୍ସବ ମନାଇଥିଲେ ତେଣୁ ହଜ୍‌ରତ୍ ମସିହ୍ ମଉଦ ଆ:ସ ମଧ୍ୟ ଦୁଇଥର ଅର୍ଥାତ୍ ରାଣୀ ଭିକ୍ଟୋରିଆ ଓ ରାଜା ଏଡୱାର୍ଡଙ୍କ ଜୁବୁଲିରେ ଦୀପ ଜଳାଇଥିଲେ, ମୁଁ ଆଶାକରୁଛି ଏହି ଦୁଇଥର ରାଣୀ ଭିକ୍ଟୋରିଆଙ୍କର ଜୁବୁଲି ଥିଲା ବୋଲି ମୋର ଭଲ ରୂପେ ମନେଅଛି ଏହି ଦୁଇଥର ଦୀପ ଜଳାଯାଇଥିଲା । ହଜ୍‌ରତ୍ ମୁସ୍‌ଲେହ୍ ମଉଦ ର:ଅ କହୁଛନ୍ତି ଯେ ପିଲାବେଳେ ଏପରି ଦୃଶ୍ୟ ବହୁତ ଭଲ ଲାଗେ, ମୋର ମନେଅଛି ଯେ ମସ୍‌ଜିଦ୍ ମୋବାରକର ଏକ କୋଣରେ ଦୀପ ଜଳାଯାଇଥିଲା ଏବଂ ଦୀପ ଶେଷହୋଇଗଲା । ତେଣୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଲୋକ ପଠାଇ ଦୀପ ମଗାଇଲେ । ସେଥିରେ ତେଲ ଢ଼ାଳାଯାଏ ଏବଂ ତାହା ବହୁତ ସମୟ ଜଳିଥାଏ । ସେ କହୁଛନ୍ତି କି ଆମ ଘରେ, ମସ୍‌ଜିଦ୍‌ରେ ଓ ମଦର୍‌ସାରେ ମଧ୍ୟ ଦୀପ ଜଳା ଯାଇଥିଲା । ଏହାର ସାକ୍ଷୀ ହଜ୍‌ରତ୍ ମୀର୍ ମୁହମ୍ମଦ୍ ଇସ୍‌ହାକ୍ ସାହେବ ମଧ୍ୟ ଦେଇଛନ୍ତି । ତେଣୁ କେବଳ ଦୀପ ଜାଳିବାର ବିରୋଧ ହେବାର ପ୍ରଶ୍ନ ଉଠୁନାହିଁ । କିଛି ଲୋକ ଦୀପ ଜାଳିବାକୁ ଭୁଲ କହନ୍ତି, ଯଦିଚ ଏପରି କିଛି କଥା ନାହିଁ । ସେ କହଛନ୍ତି କି, ମୋର ବିଶ୍ୱାସ ଏହା ଯେ ହକମ୍ ଓ ଅଦଲ୍ (ନ୍ୟାୟବନ୍ତ) ହୋଇଥିବା ଯୋଗୁଁ ହଜ୍‌ରତ୍ ମସିହ୍ ମଉଦ ଆ:ସ କଦାପି ପବିତ୍ର କୋରାନ୍‌ର କୌଣସି ଗୋଟିଏ ନିର୍ଦ୍ଦେଶର ମଧ୍ୟ ବିରୋଧି ହେବେନାହିଁ । ଦୀପ ଜାଳିବା ଆପଣଙ୍କ ଦ୍ୱାରା ଆଦୃତ । ଏହି ସମ୍ବନ୍ଧରେ 'ଅଲ୍‌ହକମ୍' ସମ୍ବାଦପତ୍ର ସାକ୍ଷୀ ଅଛି । ତେଣୁ ବିଶେଷ ମୁହୂର୍ତ୍ତରେ ଦୀପ ଜାଳିବା ଉପରେ କୌଣସି ତର୍କ ହେବା ଉଚିତ୍ ନୁହେଁ ଯେ, ଏହା କେତେବେଳେ ହବ, କାହିଁକି ହେବ, କ'ଣ ପାଇଁ ହେବ ? ଇତ୍ୟାଦି ବଦ ଖର୍ଚ୍ଚ ବା ଇତ୍ୟାଦି ଇତ୍ୟାଦି...... । ସେ ଯାହା ହେଉନା କାହିଁକି ହଜ୍‌ରତ୍ ମସିହ୍ ମଉଦ ଆ:ସ ଏହିପରି ଯେଉଁ ଉତ୍ସବ ପାଳନ କରୁଥିଲେ ଏଥିରେ (ହିକ୍‌ମତ୍) ବିଜ୍ଞତା ଥିଲା । ଯେପରି ମୋମିନ୍‌ର ପ୍ରତ୍ୟେକ କଥାରେ ବିଜ୍ଞତା ଥାଏ । ଚରାଗାଁ (ଦୀପ ଜଳାଇ ଆନନ୍ଦ ଉତ୍ସବ ପାଳନ କରିବା), ଯଦି ଏହା ବଡ଼ ଆକାରରେ କରାଯାଏ ବା କରିବା ବାଧ୍ୟତାମୂଳକ ହୁଏ ଓ ବ୍ୟୟ ବହୁଳ ହୁଏ ଏବଂ ପ୍ରତି ବଦଳରେ କୌଣସି ଲାଭ ମିଳିନଥାଏ ତେବେ ଏହା ଅନୁଚିତ୍ । କିନ୍ତୁ ଯଦି ଏହାଦ୍ୱାରା ଦେଶ ଓ ପ୍ରଶାସନକୁ ଖୁସି ମିଳେ ଏବଂ ଆଲୋକର ଉପକାରିତା ସ୍ପଷ୍ଟ ହୁଏ, ତେବେ କୌଣସି ଅସୁବିଧା ନାହିଁ । ଯେପରି ହଜ୍‌ରତ୍ ମିର୍ ମହମଦ୍ ଇସ୍‌ହାକ୍ ସାହେବ୍ ଜଣାଉଛନ୍ତି ଯେ ଇତିହାସରୁ ଜଣାପଡୁଛି, ହଜ୍‌ରତ୍ ଉମର୍ ର:ଅଙ୍କ ଦ୍ୱାରା ମସ୍‌ଜିଦ୍‌କୁ ଅଧିକ ଆଲୋକିତ କରାଯାଇଥିଲା ଏବଂ ସେ କହୁଛନ୍ତି ଯେ ମସ୍‌ଜିଦ୍ ଏପରି ଏକ ସ୍ଥାନ ଯେଉଁଠି ଅଧିକ ମାତ୍ରାରେ ଆଲୋକ ଦରକାର ହୁଏ । କାରଣ ଲୋକମାନେ ସେଠି ପବିତ୍ର କୋରାନ୍ ପାଠ କରିଥାନ୍ତି ବା ଧର୍ମ ସମ୍ବନ୍ଧୀୟ ପୁସ୍ତକ ପଢ଼ିଥାନ୍ତି । ତେଣୁ ହଜ୍‌ରତ୍ ଉମର୍ ର:ଅଙ୍କର ଏହା କରିବା ପଛରେ ବିଜ୍ଞତା ଥିଲା । ଆମେ ଦେଖୁଛୁ ଯେ ଇସ୍‌ଲାମରେ ଯେତେବେଳେ କୌଣସି ଉତ୍ସବ ପାଳନ କରାଯାଏ ତାହାଦ୍ୱାରା ମନୁଷ୍ୟ ଜାତି ଓ ଦେଶର ଲାଭ ହୋଇଥାଏ । ଉଦାହରଣ ସ୍ୱରୂପ-'କୁର୍‌ବାନୀ ଇଦ୍' ରେ କୁର୍‌ବାନୀ କରିବା ଦ୍ୱାରା ଗରିବଲୋକଙ୍କୁ ମାଂସ ମିଳିଥାଏ । ଇଦୁଲ୍ ଫିତର୍ ସମୟରେ 'ଫିତ୍‌ରାନା' ଦ୍ୱାରା ଗରିବଙ୍କୁ ସାହାଯ୍ୟ କରାଯାଏ । ତେଣୁ ପ୍ରତ୍ୟେକ ଇସ୍‌ଲାମୀୟ ଉତ୍ସବଦ୍ୱାରା ମନୁଷ୍ୟ ଜାତି ଓ ଦେଶକୁ ଲାଭ ମିଳିଥାଏ । କିନ୍ତୁ ଦୀପ ଜାଳିବା ଦ୍ୱାରା ଏପରି କୌଣସି ବିଶେଷ ଲାଭ ମିଳିନଥାଏ । କିନ୍ତୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କ ଦ୍ୱାରା ଦୀପ ଜଳାଇ ଉତ୍ସବ ପାଳନ କରିବା ଏକ ଦେଶପ୍ରେମ ଥିଲା । ଏହିପରି ବେଳେବେଳେ ଆପଣ ଆମପାଇଁ ବାଣ ଆଣି ଦେଉଥିଲେ । ଯାହାଦ୍ୱାରା ପିଲାଙ୍କ ମନ ଖୁସି ହେଉଥିଲା ଏବଂ କହୁଥିଲେ ଯେ ଗନ୍ଧକ ଜଳିବା ଦ୍ୱାରା ଜୀବାଣୁ ନଷ୍ଟ ହୋଇଥାନ୍ତି । ତେଣୁ କେବଳ ପିଲାଙ୍କ ମନ ଖୁସି କରିବା ପାଇଁ ନୁହେଁ, ଅଧିକନ୍ତୁ ବାଣ ଫୁଟାଇବା ଦ୍ୱାରା ଗନ୍ଧକ ଜଳିଥାଏ ଓ ଗନ୍ଧକ ଦ୍ୱାରା ପରିବେଷ ଜୀବାଣୁମୁକ୍ତ ହୋଇଥାଏ । ତେଣୁ ଆପଣ କେତେଥର ଆମକୁ ଅନାରବାଣ, ଫୁଲଝରିବାଣ ଇତ୍ୟାଦି ମଗାଇ ଆଣି ଦେଇଥାନ୍ତି । ଯଦିଚ ଏହା ଏକ ପ୍ରକାର କ୍ଷତି ଅଟେ କିନ୍ତୁ ଏହାଦ୍ୱାରା ସାମୟିକ ଲାଭ ମଧ୍ୟ ମିଳିଥାଏ ଓ ଏହାଦ୍ୱାର ପିଲାଙ୍କର ମାନସିକ ଚାପ ଦୂର ହୋଇଥାଏ । କିନ୍ତୁ ଆପଣ ଯମାତର ପ୍ରତ୍ୟେକକୁ ଏହା କରିବା ପାଇଁ ନିର୍ଦ୍ଦେଶ ଦେଇନାହାଁନ୍ତି । (ରିପୋର୍ଟ ମଯଲିସ୍ ମୁଶାୱରତ୍-୭-୯, ଅପ୍ରିଲ-୧୯୩୯, ପୃଷ୍ଠା-୭୪-୭୫) ଆପଣ ଯମାତ୍‌କୁ ଏହା କଦାପି କହିନାହାଁନ୍ତି ଯେ, ବାଣ ଫୁଟାଅ, କିନ୍ତୁ ଯଦି ପିଲାଏ ବେଳେବେଳେ କରିଦିଅନ୍ତି ତେବେ କୌଣସି ଅପରାଧ ନାହିଁ । ଯଦି ଏହା ଏକ ଭଲ ଉଦ୍ଦେଶ୍ୟ ପାଇଁ ହୁଏ କି ଏହା ଦ୍ୱାରା ପରିବେଶ ସଫା ହେବ । ପିଲାମାନେ ଅଳ୍ପମାତ୍ରାରେ ଚିତ୍ତବିନୋଦନ କରିବା କୌଣସି କ୍ଷତି ନୁହେଁ, ତାଙ୍କର ଭାବନାକୁ ସମ୍ପୂର୍ଣ୍ଣ ରୂପେ ଦବେଇଦେବା ଉଚିତ୍ ନୁହେଁ । ପିଲାମାନେ ମଧ୍ୟ ଜାଣିରଖିବା ଉଚିତ୍ ଯେ, ତାଙ୍କର ଖେଳକୁଦ ବୟସକୁ ଇସ୍‌ଲାମ୍ ସଠିକ୍‌ରୂପେ ବ୍ୟବହାର କରେ । ଉଦାହରଣ ସ୍ୱରୂପ:-ଦୀପ ଜାଳିବା, ବାଣ ଫୁଟାଇବା ଇତ୍ୟାଦି ଯାହା ଦେଶର ଅଖଣ୍ଡତା ଓ ଖୁସିକୁ ପ୍ରତିପାଦନ କରେ ତା ସହିତ ଆତ୍ମୀୟତା ସ୍ଥାପନ କରେ ଓ ପିଲାମାନେ ଆନନ୍ଦିତ ହୋଇଥାନ୍ତି । ତେଣୁ ମୌକା ମହଲ ଦେଖି ସମାନତା ରକ୍ଷା କରି କୌଣସି ଉତ୍ସବ ପାଳନ କଲେ କୌଣସି କ୍ଷତି ନାହିଁ । କିନ୍ତୁ ପିଲାମାନଙ୍କୁ ପିଲାବେଳୁ ସୁଚାଇଦେବା ଉଚିତ୍ ଯେ ଇସ୍‌ଲାମୀୟ ଶିକ୍ଷା ଓ ଦେଶର କାନୁନ୍ ବ୍ୟବସ୍ଥାର ସୀମାରେ ରହି ଆମେ ଏସବୁ କାର୍ଯ୍ୟ କରିବା ଉଚିତ୍ ।

ହଜ୍‌ରତ୍ ମୁସ୍‌ଲେହ ମଉଦ ର:ଅ ନିଜର ପିଲାଦିନର ଦୁଇଟି ଘଟଣା ବର୍ଣ୍ଣନା କରି କହୁଛନ୍ତି ଯେ ମୋର ମନେଅଛି ମୁଁ ଛୋଟ ଥିଲି । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଥରେ ମୁଲ୍‌ତାନ୍ ଯାଇଥିଲେ । ମୁଁ ମଧ୍ୟ ସାଙ୍ଗରେ ଥିଲା । ମୋ ବୟସ ସେତେବେଳେ ୭-୮ ବର୍ଷ ହେବ । ସେହି ସଫର୍‌ର ମୋତେ ଦୁଇଟି ଘଟଣା ମନେଅଛି । ଆପଣ କହୁଛନ୍ତି ଯେ, ଏପରି କିଛି ଘଟଣା ମୋର ସେ ସମୟରୁ ମନେ ଅଛି, ଯେତେବେଳେ ମୋର ବୟସ କେବଳ

ଦୁଇବର୍ଷ ଥିଲା । ଅଧିକନ୍ତୁ ଜଣେ ସାଙ୍ଗ ଗୋଟିଏ ଘଟଣା ମନେପକାଇଦେଲେ ଏବଂ ତାହା ମୋର ମନେପଡ଼ିଗଲା । ସେତେବେଳେ ମୋର ବୟସ କେବଳ ୧ ବର୍ଷ ଥିଲା । ତେଣୁ ଆପଣ କହୁଛନ୍ତି ଯେ, ମୋତେ କମ୍ ବୟସର ଘଟଣା ମଧ୍ୟ ମନେ ଅଛି । କିନ୍ତୁ ଏହି ସଫର୍‌ର ଦୁଇଟି ଘଟଣା ମୋ ସ୍ମୃତିରେ ଅଛି । ପ୍ରଥମ କଥା ଏଇଆ ଯେ- ସଫର୍‌ରୁ ଫେରିବା ସମୟରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଲାହୋର୍‌ରେ ରହିଲେ । ସେଠାରେ ସେତେବେଳେ ମହମ ଫଟୋଚିତ୍ରର ପ୍ରଦର୍ଶନୀ ଲାଗିଥିଲା । ଅର୍ଥାତ୍- ମହମ ମୂର୍ତ୍ତୀ, ମହମ ଫଟୋ ଇତ୍ୟାଦି ଯାହାଦ୍ୱାରା ଅନେକ ରାଜା ମହାରାଜା ଏବଂ ତାଙ୍କ ଦରବାରର ଘଟଣା ଗୁଡିକ ଦର୍ଶାଯାଇଥିଲା । ଶେଖ୍ ରହେମ୍‌ତୁଲ୍ଲାଃ ସାହେବ (ଇଂଗ୍ଲିସ୍ ଓୟାର୍ ହାଉସ୍‌ର ମାଲିକ ଯାହା ସେ ସମୟରେ ମୁମ୍ବାଇ ହାଉସ୍ ନାମରେ ନାମିତ ଥିଲା) ହଜ୍‌ରତ ମସିହ୍ ମଉଦ୍ ଆ:ସ ଙ୍କୁ କହିଲେ କି ଏହା ଏକ ଶିକ୍ଷଣୀୟ ଜିନିଷ ଅଟେ ଓ ଏହା ଇତିହାସ ବିଷୟରେ ଜ୍ଞାନ ଦିଏ । ଆପଣ ଏହା ଦେଖିବାପାଇଁ ଚାଲନ୍ତୁ । କିନ୍ତୁ ହଜ୍‌ରତ୍ ମସିହ୍ ମଉଦ ଆ:ସ ମନ କରିଦେଲେ । ତା'ପରେ ସେ ମୋତେ ତାହା ଦେଖାଇବା ପାଇଁ ଉସ୍‌କାଇଲେ । ମୁଁ ଯେହେତୁ ପିଲାଥିଲି ତେଣୁ ମୁଁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କ ନିକଟରେ ଜିଦି କଲି ଯେ, ମୋତେ ଦେଖାଇ ଆଣ ବୋଲି । ତେଣୁ ମୋ ଜିଦି ଦ୍ୱାରା ବାଧ୍ୟ ହୋଇ ଆପଣ ମୋତେ ସାଙ୍ଗରେ ନେଇ ତାହା ଦେଖାଇବା ପାଇଁ ଗଲେ । ସେଠି ଅନେକ ରାଜା ମହାରାଜାଙ୍କ ବିଷୟରେ ଫଟୋଚିତ୍ର ମାଧ୍ୟମରେ ଦର୍ଶାଯାଇଥିଲା । ଯେଉଁଥିରେ କେତେକଙ୍କ ମୃତ୍ୟୁ, କେତେକଙ୍କ ରୋଗ ବୈରାଗ ଇତ୍ୟାଦିର ନକ୍ସା ଅଙ୍କା ଯାଇଥିଲା । ସେ କହିଲେ ଏହା ହେଲା ଗୋଟିଏ ଘଟଣା, ଯାହା ଆମର ମନେ ଅଛି । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏଥିପାଇଁ ରାଜିହୋଇ ନେଇକି ଗଲେ ଯେ ବହୁତ ଲୋକ ଏହାର ପ୍ରଶଂସା କରିଥିଲେ ଯେ, ଏହା ଏକ ଶିକ୍ଷଣୀୟ ଓ ଐତିହାସିକ ବିଷୟ ଅଟେ । ଏହା ଦେଖିବାରେ କୌଣସି କ୍ଷତି ନାହିଁ । ଯଦି ଆପଣ ଜାଣିଥାନ୍ତେ କି ଏହା ଇସ୍‌ଲାମୀୟ ଶିକ୍ଷାର ବିରୋଧୀ ଅଟେ ତେବେ ପିଲା ଜିଦି କରିଥିଲେ ମଧ୍ୟ ଆପଣ ଯାଇନଥାନ୍ତେ, ଯେହେତୁ ଏହା ଏକ ଶିକ୍ଷଣୀୟ ଜିନିଷ ଥିଲା, ତେଣୁ ଆପଣ ପିଲାଙ୍କୁ ସାଙ୍ଗରେ ନେଇ ଦେଖିବାକୁ ଗଲେ ।

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କହୁଛନ୍ତି ଯେ, ଦ୍ୱିତୀୟ ଘଟଣାଟି ଯାହା ମୋର ମନେ ଅଛି, ତାହା ଏପରି ଅଟେ କି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କୁ ଲାହୋର ରହଣି ସମୟରେ କେହି ଜଣେ ନିମନ୍ତ୍ରଣ କରିଥିଲେ । ଆପଣ ନିମନ୍ତ୍ରଣ ରକ୍ଷା କରି ସେଠାକୁ ଗଲେ । ମୋତେ ଏପରି ବୋଧେ ଲାଗୁଛି ଯେ, ତାହା ନିମନ୍ତ୍ରଣ (ଦାଓ୍ୱତ୍) ନଥିଲା । ପରନ୍ତୁ ମୁଫ୍‌ତି ମହମ୍ମଦ୍ ସାଦିକ୍ ସାହେବ ବା ତାଙ୍କର କୌଣସି ପିଲା ଅସୁସ୍ଥ ଥିଲେ ଏବଂ ଆପଣ ଦେଖିବାକୁ ଯାଇଥିଲେ । ଯାହାହେଉ ସହର ମଧ୍ୟ ଦେଇ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଫେରିବା ସମୟରେ ସୁନେଲି ମସ୍‌ଜିଦ୍‌ର ପାହାଚ ପାଖରେ ଏକ ବଡ଼ ଧରଣର ଭିଡ ଦେଖିଲି । ଯେଉଁମାନେ ଗାଳି ଦେଉଥିଲେ ସେମାନଙ୍କ ମଧ୍ୟରେ ଜଣେ ଛିଡ଼ା ହୋଇଥିଲେ । ତାଙ୍କ ବେଶ ଭୁଶାରୁ ଜଣାପଡୁଥିଲା ଯେ, ସେ ଜଣେ ମୌଲବୀ ହୋଇଥିବେ । ଯେପରି ମୌଲବୀମାନଙ୍କର ଅଭ୍ୟାସ ଥାଏ । ଆଶାକରୁଛି ସେ ବିନା କାରଣରେ ଯେପରି ଆହ୍ୱାନ କରୁଥିଲା । ଯେତେବେଳେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କ ଗାଡ଼ି ଭିଡ଼ ନିକଟରେ ଗଲା ମୁଁ ଭାବିଲି ଏଠି ବୋଧେ କୌଣସି ମେଳା ଲାଗିଛି । ତେଣୁ ଏ ଦୃଶ୍ୟ ଦେଖିବା ପାଇଁ ଗାଡ଼ିରୁ ମୁଣ୍ଡ ବାହାର କଲି । ମୁଁ ଦେଖିଲି କି ଜଣେ ହାତଖଣ୍ଡି ଲୋକ ଯାହା ହତରେ ହଳଦୀର ପଟି ମଧ୍ୟ ଲାଗିଥିଲା ସେ ବଡ଼ ଉତ୍ସାହର ସହିତ ତା ଖଣ୍ଡିଆ ହାତକୁ ଅନ୍ୟ ହାତରେ ପିଟି କହି ଚାଲୁଥିଲା ଯେ 'ମିର୍ଜା ପଳେଇଗଲା' 'ମିର୍ଜା ପଳେଇଗଲା' । ସେହି ସମୟର ସେହି ଦୃଶ୍ୟକୁ ମୁଁ ଆଜି ପର୍ଯ୍ୟନ୍ତ ଭୁଲିନାହିଁ ।

ଏ ଘଟଣା ମୁଁ ଅନ୍ୟ ଏକ ଉଦ୍ଦେଶ୍ୟରେ ପ୍ରଥମରୁ କହିସାରିଛି କି ସେ କହିଛନ୍ତି ଯେ ଦେଖ ଜଣେ ଲୋକ ନିଜ ଖଣ୍ଡିଆ ହାତକୁ ନେଇ ମଧ୍ୟ ବିରୁଦ୍ଧାଭାବରେ ମଗ୍ନ ହୋଇ ଏହା ଭାବୁଛି ଯେ ମୁଁ ନିଜ ଖଣ୍ଡିଆ ହାତ ଦ୍ୱାରା (ନଉଜୁବିଲ୍ଲାଃ) ଅହେମଦିୟତ୍‌କୁ ଶେଷ କରିଦେବି ଓ ନିପାତ କରିଦେବି । ଏହା କି ପ୍ରକାର ଭୟାନକ୍ ଶତ୍ରୁତା ଅଟେ, ଯାହା ଲୋକଙ୍କ ହୃଦୟରେ ମିଳୁଛି ଏବଂ ସେମାନେ କି କି ପ୍ରକାର ଚେଷ୍ଟା କରିଛନ୍ତି ଯେ ଲୋକମାନେ କାଦୀୟାନ୍ ନ ଆସନ୍ତୁ ଏବଂ ଅହେମଦୀୟତ୍ ଗ୍ରହଣ ନ କରନ୍ତୁ ବୋଲି । ଏପରି ବହୁତ ଅହେମଦୀ ଅଛନ୍ତି ଯେଉଁମାନେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କ ସମୟରେ କାଦୀୟାନ୍ ଆସିବା ପାଇଁ ବଟାଲା ପର୍ଯ୍ୟନ୍ତ ପହଂଚିଲେ, କିନ୍ତୁ ପୁଣି ମୌଲବୀ ମହମ୍ମଦ୍ ହୁସେନ୍ ବଟାଲୁଇ ତାଙ୍କୁ ସେଠାରୁ ଫେରାଇଦେଲେ । ତେଣୁ ଆପଣ କହୁଛନ୍ତି କି ମୁଁ ଶୁଣିଛି ଯେ, ମୌଲବୀ ଅବ୍‌ଦୁଲ୍ ମାଜିଦ୍ ସାହେବ ଭାଗଲ୍‌ପୁରୀ ମଧ୍ୟ ଏହିପରି ଅହେମଦୀୟତ୍ ଗ୍ରହଣ କରିବାରୁ ବଂଚିତ ହୋଇଥିଲେ । ଯେତେବେଳେ ସେ ବଟାଲାରେ ପହଂଚିଲେ ମୌଲବୀ ମହମ୍ମଦ୍ ହୁସେନ୍ ବଟାଲୁଇ ତାଙ୍କୁ ଫୁସୁଲା ଫୁସୁଲି କରି ଫେରାଇଦେଲେ । ଏହା ମୌଲବୀ ମହମ୍ମଦ୍ ହୁସେନ୍‌ଙ୍କର ନିତିଦିନିଆ କାମ ଥିଲା । ସେ ପ୍ରତ୍ୟେକ ଦିନ ରେଳ ଷ୍ଟେସନ୍ ଯାଆନ୍ତି । ଯେବେ କୌଣସି ବ୍ୟକ୍ତି କାଦିୟାନ୍ ଯିବା ପାଇଁ ସେଠି ଓହ୍ଲାଏ ତେବେ ତାଙ୍କୁ ସେ ଯାଇ କହନ୍ତି କାଦୀୟାନ୍ ଯାଇ ତୁମକୁ କ'ଣ ମିଳିବ ? ସେଠି ଗଲେ ଇମାନ୍ ନଷ୍ଟ ହୋଇଯିବ ଏବଂ କିଛି ଲୋକ ତାଙ୍କୁ ଜ୍ଞାନୀ ବୋଲି ବିବେଚନା କରି ଫେରିଯାଆନ୍ତି ଯେ ଯଦି ମୌଲବୀ ମହମ୍ମଦ୍ ହୁସେନ୍ ସାହେବ କିଛି କହୁଛନ୍ତି ତାହାଲେ ସତ ହୋଇଥିବ ! (ଉଦ୍ଧୃତ ଅଲ୍‌ଫଜଲ୍- ୨୪ ଜାନୁୟାରୀ-୧୯୪୩, ପୃଷ୍ଠା-୩, ଖଣ୍ଡ-୩୧, ଅଙ୍କ-୨୧) ଏହା ସବୁ ମୌଲବୀମାନଙ୍କର ଶତ୍ରୁତା ଯୋଗୁଁ ହୋଇଥିଲା । ସେମାନେ ଜନସାଧାରଣଙ୍କୁ ମଧ୍ୟ ଏପରି ଉସ୍‌କାଇ ଦେଉଥିଲେ ଯେ, ସେ ହାତ ଖଣ୍ଡି ମଧ୍ୟ ନାରା ଲଗାଉଥିଲା । ଓଲେମାମାନଙ୍କ ତରଫରୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କ ପ୍ରତି ଯେଉଁ ବିରୋଧା ଭାବ ଥିଲା ତାହା ସବୁ ନିଜର ମୁର୍ଖାମୀ ଏବଂ ସ୍ୱାର୍ଥ ପାଇଁ ଉଦ୍ଦିଷ୍ଟ ଥିଲା । ଆଜି ପର୍ଯ୍ୟନ୍ତ ମଧ୍ୟ ସେହି ଓଲେମାମାନେ ଲୋକଙ୍କୁ ଉସ୍‌କେଇ ଚାଲିଛନ୍ତି । ସେମାନେ ଲୋକମାନଙ୍କୁ ଏହାସବୁ ଧର୍ମ ନାମରେ ନିଜର ସ୍ୱାର୍ଥ ପୂରଣ କରିବା ପାଇଁ ଉସ୍‌କାଉଥିଲେ । କିନ୍ତୁ ପ୍ରକୃତରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଇସ୍‌ଲାମ୍‌ର ପ୍ରକୃତ ଶିକ୍ଷାକୁ ପ୍ରତିଷ୍ଠା କରିବା ପାଇଁ ଓ ଆଁ ହଜ୍‌ରତ୍ ସ:ଆ:ସ ଙ୍କ ଉପଯୁକ୍ତ ପଦବୀ 'ଖତ୍‌ମେ ନବୁଓ୍ୱତ୍' ପ୍ରତିଷ୍ଠା କରିବା ପାଇଁ ଆସିଥିଲେ । ଆପଣ ଆଁ ହଜ୍‌ରତ୍ ସ:ଆ:ସ ଙ୍କର ସଚ୍ଚା ପ୍ରେମୀ ଥିଲେ ଏବଂ ସଚ୍ଚା ସେବକ ମଧ୍ୟ ଥିଲେ । ଆପଣ ତ ଏଥିପାଇଁ ସଂସାରକୁ ଆସିଥିଲେ କି ସଂସାରବାସୀଙ୍କୁ ଜଣାଇଦେବେ ଯେ, ପ୍ରକୃତ ମୁକ୍ତି ଶେଷ ନବୀ ଏବଂ 'ଖାତମୁଲ୍ ଅମ୍‌ବିୟା' ହଜ୍‌ରତ୍ ମହମ୍ମଦ୍ ମୁସ୍ତଫା ସ:ଆ:ସ ଙ୍କ ଜରିଆରେ ହିଁ ମିଳିପାରିବ । କିନ୍ତୁ ସେହି ଓଲେମାମାନଙ୍କର ଦୁର୍ଭାଗ୍ୟ ଯେ, ଏହି ଆଶିକେ ରସୁଲ୍ ଙ୍କ ସହିତ ନ ମିଶି ଏବଂ ତାଙ୍କ କଥାକୁ ନମାନି ଓଲଟା ତାଙ୍କ ଉପରେ ଦୋଷାରୋପ କଲେ ଯେ, (ନଉଜୁବିଲ୍ଲାଃ) ଇଏ 'ଖତ୍‌ମେ ନବୁଓ୍ୱତ୍'ର ଅମାନ୍ୟକାରୀ ଅଟେ ବା ଆଁ ହଜ୍‌ରତ୍ ସ:ଆ:ସ ଙ୍କ ଠାରୁ ନିଜର ଗାରିମାକୁ ବଡ଼ ଭାବୁଛି । ପ୍ରକୃତରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କ କାର୍ଯ୍ୟ ଓ ଶିକ୍ଷା ଏଥିରୁ ବହୁ ଦୁରରେ ଅଛି । ଆପଣ ଆ:ସ ପ୍ରତ୍ୟେକ ଧର୍ମାବଲମ୍ବୀଙ୍କୁ ଏହା ଆହ୍ୱାନ୍ ଦେଲେ କି ଏବେ ପ୍ରକୃତ ମୁକ୍ତି କେବଳ ଇସ୍‌ଲାମ୍‌କୁ ମାନିବା ଦ୍ୱାରା ଏବଂ ଆଁ ହଜ୍‌ରତ୍ ସ:ଆ:ସ ଙ୍କ ଦାସତ୍ୱରେ ହିଁ ମିଳିପାରିବ ।

ସେ ଯାହାହେଉନା କାହିଁକି ଓଲେମାମାନେ ଚେଷ୍ଟା କରି ଚାଲିଲେ ଏବଂ ଯମାତ୍ ମଧ୍ୟ ବଢ଼ିଚାଲିଲା । ଏବେ ମଧ୍ୟ ସେମାନେ ଚେଷ୍ଟାରତ ଏବଂ କରିଚାଲିବେ କିନ୍ତୁ ଅଲ୍ଲାଃତାଲାଙ୍କର ଏହା ବିଧି ଅଟେ କି ଆଁ ହଜ୍‌ରତ୍ ସ:ଆ:ସ ଙ୍କ ସେହି ସଚ୍ଚା ଦାସର ଯମାତ୍ ବଢ଼ିଚାଲିଛି ଏବଂ ବଢ଼ିଚାଲିବ ଇନ୍‌ଶାଆଲ୍ଲାଃ । ଅଲ୍ଲାଃତାଲା ଆମକୁ ଶକ୍ତି ପ୍ରଦାନ କରନ୍ତୁ କି ଆମେ ନିଜ ଭିତରେ ପ୍ରକୃତ ପରିବର୍ତ୍ତନ ଆଣୁ ଯାହା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଆମଠାରୁ ଚାହୁଁଛନ୍ତି ଏବଂ ଆମେ ପ୍ରକୃତ ମୁସଲ୍‌ମାନଙ୍କର ନମୁନା ହେଉ । ନିଜର ଭାବନା, ବିଚାରକୁ ଆଲୋକିତ କରି ନିଜର ହୃଦୟକୁ ମଧ୍ୟ ବିଶ୍ୱାସ (ତକ୍‌ଓ୍ୱା) ରେ ଭରିଦେଉ ।

ଆଜି ମଧ୍ୟ ମୁଁ ଯୁମା ପରେ ଗୋଟିଏ ଯନାଜାଃ ଗାଏବ୍ ପଢ଼ାଇବି ଯାହା ମୋକରମା ଅମତୁଲ୍ ହଫିଜ୍ ରହେମାନ୍ ସାହିବା ସ୍ତ୍ରୀ- ମୋକରମ୍ ଡାଃ ଅତାଉର୍ ରହେମାନ୍ ସାହେବ ପୂର୍ବତନ ଅମୀର୍, ଜିଲ୍ଲା-ସାହିଓ୍ୱାଲ୍‌ଙ୍କର ଅଟେ । ୧୫ ଏପ୍ରିଲ-୨୦୧୬ ତାରିଖରେ ତାଙ୍କର କାଳ ହୋଇଗଲା 'ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍'

ସେ ହଜ୍‌ରତ୍ ମିଆଁ ଅଜିମୁଲ୍ଲାଃ ସାହେବ ସାହାବି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କର ବୋହୁ ଅଟନ୍ତି ଏବଂ ହଜ୍‌ରତ୍ ଶେଖ୍ ହୁସେନ୍ ବଖ୍‌ସ ସାହେବ ସାହାବି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କ ନାତୁଣୀ ଥିଲେ । ଆପଣଙ୍କର ବାପା ମୋହତରମ୍ ମଲକ୍ ମହମ୍ମଦ୍ ଖୁର୍ସିଦ୍ ସାହେବ ତାମିର୍ କମିଟି ରବ୍‌ଓ୍ୱାର ପ୍ରାଥମିକ ସେକ୍ରେଟାରୀ ଥିଲେ । ସେ ବହୁତ ଲମ୍ବା ସମୟ ପର୍ଯ୍ୟନ୍ତ ସଦର୍‌ଲଜନା, ସାହିଓ୍ୱାଲ୍ ର କାର୍ଯ୍ୟ ସୁଚାରୁରୂପେ ତୁଲାଇବାର ସୁଯୋଗ ପାଇଥିଲେ । ବହୁତ ଇଶ୍ୱରବିଶ୍ୱାସୀ, ପ୍ରାର୍ଥନାରତ, ଉପାସନାରତ, ଅତିଥିସତ୍କାର, ଗରୀବଙ୍କ ସାହାଯ୍ୟକାରୀ, ଦାନି, ଖିଲାଫତ୍ ସହିତ ନିଷ୍ଠାବାନ୍, ଧୈର୍ଯ୍ୟବାନ୍ ସ୍ତ୍ରୀ ଥିଲେ । ସାହିଓ୍ୱାଲ୍‌ରେ ଯେତେବେଳେ (ଅହେମଦୀମାନେ ଧର୍ମନାମରେ ବିନାକାରଣରେ) ଜେଲ୍‌ରେ ପଡ଼ିଥିଲେ ସେତେବେଳେ ତାଙ୍କ ସ୍ୱାମୀ ଜିଲ୍ଲା ଅମୀର୍ ଥିଲେ ଏବଂ ବହୁତ ଲୋକ ତାଙ୍କ ପାଖକୁ ମିଶିବା ପାଇଁ ଆସନ୍ତି । ସେ ସମୟରେ ସେ ବହୁତ ଅତିଥି ସତ୍କାର କରୁଥିଲେ । ତାଙ୍କ ସ୍ୱାମୀ ଡାଃ ଅତାଉର୍ ରହେମାନ୍ ସାହେବ ଊଣା ଅଧିକେ ଚାଳିଶି ବର୍ଷ ପର୍ଯ୍ୟନ୍ତ ଯମାତ୍‌ର (ଖିଦ୍‌ମାତ୍) ସେବା କରିଆସୁଥିଲେ । ସେ ବହୁତ ଉତ୍ସାହ ଓ ଖୁସିର ସହିତ ତାଙ୍କୁ ସାହାଯ୍ୟ କରୁଥିଲେ । ମର୍‌କଜ୍‌ରୁ ଆସୁଥିବା ଅତିଥିମାନଙ୍କର ମଧ୍ୟ ବହୁତ ଧ୍ୟାନ ରଖିଥିଲେ । ସବୁପିଲାଙ୍କୁ ଏପରି ସଂସ୍କାର ଦେଇଛନ୍ତି ଯେ, ସେମାନେ ସମସ୍ତେ ଖିଲାଫତ୍ ସହିତ ପ୍ରକୃତ ନିଷ୍ଠା ଓ ବଳିଦାନର ଗଭୀର ସମ୍ପର୍କ ରଖିଛନ୍ତି । ଅଲ୍ଲାଃଙ୍କ ଦୟାରୁ ସେ ମୁସି ଥିଲେ । ତାଙ୍କର ପାଂଚଟି ପୁଅ ଏବଂ ୩ ଜଣ ଝିଅ ଅଛନ୍ତି । ଅଲ୍ଲାଃତାଲା ତାଙ୍କର ସନ୍ତାନମାନଙ୍କୁ ମଧ୍ୟ ପୁଣ୍ୟ କାର୍ଯ୍ୟ କରିବା ପାଇଁ ଓ ପରପିଢ଼ୀଙ୍କୁ ମଧ୍ୟ ଯମାତ୍ ପାଇଁ ହିତକର ସାବ୍ୟସ୍ତ କରନ୍ତୁ । ଆମିନ୍'' ।

*ପୃଷ୍ଠା ନଂ ୨ ର ଅବଶିଷ୍ଟାଂଶ ......*

ଅଲ୍ଲାଃତାଲା ଚାହିଁଲେ ପୂର୍ବବର୍ଷ ପରି ଏବର୍ଷ ମଧ୍ୟ ପବିତ୍ର ରମ୍‌ଜାନ୍‌ର ଶେଷ ଭାଗରେ ୱକ୍‌ଫେ ଯଦିଦ୍ ଚାନ୍ଦାର ସମ୍ପୂର୍ଣ୍ଣ ପଇଠକାରୀମାନଙ୍କ ନାମ ଦୁଆ ନିମନ୍ତେ ସୟଦ୍‌ନା ହଜୁର ଅନୁୱର ଅ:ବ ଙ୍କୁ ନିକଟକୁ ପ୍ରେରଣ କରାଯିବ । ୱକ୍‌ଫେ ଯଦିଦ୍‌ର ସମସ୍ତ ବାହାଦୂର ସିପାହୀମାନଙ୍କୁ ଅନୁରୋଧ ଯେ, ସେମାନେ ଏହି ପବିତ୍ର ମାସରେ ନିଜ ଚାନ୍ଦାକୁ ସମ୍ପୂର୍ଣ୍ଣ ରୂପେ ପଇଠ କରି ସୟଦ୍‌ନା ହଜୁର୍ ଅନୁୱର୍ ଅ:ବ ଙ୍କ ଗ୍ରହଣୀୟ ଦୁଆର ସମ୍ପୂର୍ଣ୍ଣ ଭାଗିଦାରୀ ପ୍ରାପ୍ତ କରନ୍ତୁ । ସେହି ପରି ଯମାତ୍‌ର ସମସ୍ତ ୱହଦାଦାର୍, ମୋବଲ୍ଲିଗ୍ ୱ ମୋଅଲ୍ଲିମ୍ ମାନଙ୍କୁ ଅନୁରୋଧ ଯେ, ଏହି ପବିତ୍ର ରମ୍‌ଜାନ୍ ମାସରେ ୱକ୍‌ଫେ ଯଦିଦ୍‌ର ଚାନ୍ଦା ଶତ ପ୍ରତିଶତ ପଇଠ କରିଥିବା ଲୋକଙ୍କ ନାମର ତାଲିକା ପଠାଇଥିବା ଫାରମ୍‌ରେ ପ୍ରସ୍ତୁତ କରି ୨୫ ରମ୍‌ଜାନ୍ ସୁଦ୍ଧା ଉକ୍ତ କାର୍ଯ୍ୟାଳୟକୁ ପ୍ରେରଣ କରିଦିଅନ୍ତୁ (ଅଲ୍ଲାଃତାଲା ଏହାର ଉତମ ବଦଳା ପ୍ରଦାନ କରନ୍ତୁ) ।

ଅଲ୍ଲାଃତାଲା ଆମ ସମସ୍ତଙ୍କୁ ନିଜର ପ୍ରତିଶୃତି ଅନୁଯାୟୀ ନିଜର ସାମର୍ଥ୍ୟ ଅନୁସାରେ ନିଜ ଦାୟିତ୍ୱକୁ ପାରୁପର୍ଯ୍ୟନ୍ତ ତୁଲାଇବା ପାଇଁ ହଜୁର ଅନୁୱର୍‌ଙ୍କ ଆଶାଠାରୁ ଅଧିକା କରି ୱକ୍‌ଫେ ଯଦିଦ୍‌ର ଲକ୍ଷକୁ ଶିଘ୍ର ପୁରଣ କରିବା ନିମନ୍ତେ ଶକ୍ତି ପ୍ରଦାନ କରନ୍ତୁ । ଆମିନ୍'' ।

(ନାଜିମ୍ ମାଲ୍ ୱକ୍‌ଫେ ଯଦିଦ୍)

# ବିଶେଷ ଘୋଷଣା

ଯଦି ଆପଣମାନେ ପବିତ୍ର କୋରାନ୍‌ର ଆଦେଶଗୁଡିକ, ନବୀ କରିମ୍‌ଙ୍କ ହଦିସ ଓ ହଜ୍‌ରତ୍ ମସିହ୍ ମଉଦ ଆ:ସ ଙ୍କ ପବିତ୍ରବାଣୀ ଓ ନିର୍ଦ୍ଦେଶ ସହିତ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅ:ବ ଙ୍କ ଭାଷଣରୁ ଉପକୃତ ହେବାପାଇଁ ଚାହୁଁଛନ୍ତି ଓ ଯଦି ଆପଣ ନିଜ ପରିବାର ଏବଂ ନିକଟ ସମ୍ପର୍କୀୟ ଲୋକମାନଙ୍କର ପ୍ରକୃତ ସଂସ୍କାର ଆଣିବା ପାଇଁ ଓ ପବିତ୍ର କୋରାନ୍‌ର ଶିକ୍ଷାକୁ ଜାଣିବାକୁ ଇଛା କରୁଛନ୍ତି ତେବେ ଆପଣ ''ସାପ୍ତାହିତ ବଦର୍'' ନିଶ୍ଚୟ ପାଠ କରନ୍ତୁ । ''ସାପ୍ତାହିକ ବଦର'' କଣ ଅଟେ ଏହା ଜାଣିବା ପାଇଁ ଆପଣ ନିଶ୍ଚିତ ରୂପେ ନିଜ ଭାଷାରେ ଗୋଟିଏ ନମୁନା ମଗାଇ ଦେଖନ୍ତୁ । ବର୍ତମାନ ହିଁ ଲେଖନ୍ତୁ କିମ୍ବା ଫୋନ୍ କରନ୍ତୁ ।

**ମ୍ୟାନେଜର୍ :- ସାପ୍ତାହିକ ବଦର୍, କାଦିୟାନ୍**
**ଯୋଗାଯୋଗ :- +୯୧ ୯୪୧୭୦୨୦୬୧୬**

ରବ୍‌ବନା ଲା ତୁଆଖିଜ୍‌ନା ଇନ୍ ନସିନା ଅଓ ଅଖ୍‌ତାନା ।
ରବ୍‌ବନା ୱଲା ତହ୍‌ମିଲ୍ ଆଲୈନା ଇସ୍‌ରନ୍ କମା ହମଲ୍‌ତହୁ ଅଲଲ୍‌ଲଜିନା
ମିନ୍ କବ୍‌ଲିନା । ରବ୍‌ବନା ୱଲା ତୁହମ୍ମିଲ୍‌ନା ମା ଲା ତାକତ ଲନା ବିହି ।
ୱଫୁଅନ୍ନା, ୱଗ୍‌ଫିର୍ ଲନା, ୱର୍‌ହମ୍‌ନା, ଅନ୍ତାମୌଲାନା
ଫନ୍‌ସୁର୍‌ନା ଅଲଲ୍ କୌ ମିଲ୍ କାଫିରିନ୍ ।
(ଅଲ୍‌ବକ୍‌ରା - ୨୮୬-୨୮୭)

## ୱକ୍‌ଫେ ଆର୍‌ଜି ର ପବିତ୍ର ଘୋଷଣାରେ ସାମିଲ ହୁଅନ୍ତୁ

ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ୍ ଅଲ୍‌ଖାମିଜ୍ ଅ:ବ:ଅ ୪-ଜୁନ୍-୨୦୦୪ ରେ କହୁଛନ୍ତି : ''ପ୍ରତ୍ୟେ ଅହେମଦୀ ନିଜପାଇଁ ନିଶ୍ଚିତ କରିନିଅନ୍ତୁ ଯେ ସେ ଅତିକମ୍‌ରେ ବର୍ଷକୁ ଥରେ ବା ଦୁଇଥର ୧ ସପ୍ତାହରୁ ୨ ସପ୍ତାହ ପର୍ଯ୍ୟନ୍ତ ୱକଫ୍ କରିବେ'' ।

ଯେହେତୁ ଏବେ ହିନ୍ଦୁସ୍ତାନ୍‌ର ପ୍ରତ୍ୟେକ ରାଜ୍ୟରେ ସ୍କୁଲ୍ ଏବଂ କଲେଜ ଗ୍ରୀଷ୍ମ ଛୁଟି ହେବାକୁ ଅଛି ସେଥିପାଇଁ ଯମାତ୍‌ର ସଭ୍ୟମାନେ ବିଶେଷ କରି ଉଚ୍ଚ ଶ୍ରେଣୀର ଓ କଲେଜ୍‌ରେ ଥିବା ବିଦ୍ୟାର୍ଥୀମାନଙ୍କ ଗୋଚରାର୍ଥେ ଦରଖାସ୍ତ କରାଯାଉଛି ଯେ ସେମାନେ ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମେନିନ୍‌ଙ୍କ ପବିତ୍ର ନିର୍ଦ୍ଦେଶ ଉପରେ ଅମଲକରି ଅଧିକରୁ ଅଧିକ ସଂଖ୍ୟାରେ ଗୋଟିଏ କିମ୍ବା ଦୁଇ ସପ୍ତାହ ପାଇଁ ୱକ୍‌ଫେ ଆର୍‌ଜି କରି ଏହି ତହ୍‌ରିକେ ଦ୍ୱାରା ପୁରସ୍କାର, ବର୍‌କାତ୍ ଓ ଅନୁଗ୍ରହ ପ୍ରାପ୍ତ କରନ୍ତୁ ।

(ନଜାରତ୍ ଇସଲାହ୍ ଓ ଇରଶାଦ୍ ତାଲିମନ୍ କୁରୁଆନ୍ ୱ ୱକ୍‌ଫେ ଆର୍‌ଜି କାଦିୟାନ୍)

## ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କ ସତ୍ୟତାର ଏକ ଯବର୍‌ଦସ୍ତ ପ୍ରମାଣ

''ୱଲଓ ତକୱ୍ୱଲା ଆଲୈନା ବାଜଲ ଅକାୱିଲ୍ ଲ ଅଖଜ୍‌ନା ମିନ୍‌ହୁ ବିଲ୍‌ୟମିନ୍ ସୁମ୍ମା ଲକତ୍‌ଅନା ମିନ୍‌ହୁଲ୍ ୱତିନ୍''
ଅର୍ଥାତ୍-ଯଦି ସେ କିଛି କଥାକୁ ମିଥ୍ୟାରୂପେ ମୋ ତରଫରୁ ଆସିଅଛି ବୋଲି କହିଥାନ୍ତା ତେବେ ଆମେ ନିଶ୍ଚିତରୂପେ ଡ଼ାହାଣ ହାତରେ ତାକୁ ଧରିଥାନ୍ତୁ (ଦଣ୍ଡିତ କରିଥାନ୍ତୁ) । ପୁଣି ଆମ୍ଭେ ନିଶ୍ଚିତ ରୂପେ ତାର ଗଳାକୁ କାଟିଦେଇଥାନ୍ତୁ ।

(ଅଲ୍‌ହାକା - ୪୫-୪୭)

ହଜ୍‌ରତ୍ ଅକ୍‌ଦସ ମିର୍ଜା ଗୁଲାମ୍ ଅହେମଦ୍ ସାହେବ କାଦିୟାନି ମସିହ୍ ମଉଦ ଓ ମେହ୍‌ଦି ମାହୁଦ୍ ଆ:ସ ସଂସ୍ଥାପକ ମୁସ୍‌ଲିମ୍ ଯମାତ୍ ଅହେମଦୀୟା ଇସ୍‌ଲାମର ସତ୍ୟତା ଏବଂ ଆଁ ହଜ୍‌ରତ ସ:ଆ:ସ ଙ୍କ ସହିତ ତାଙ୍କ ଆଧ୍ୟାତ୍ମିକ ସମ୍ପର୍କ ଅଛିବୋଲି ବାରମ୍ବାର ଅଲ୍ଲାଃତାଲାଙ୍କ ରାଣ ଖାଇ ଜଣାଇଲେ ଯେ ମୁଁ ଅଲ୍ଲାଃଙ୍କ ତରଫରୁ ଆସିଅଛି ।

ଏହିପରି ଏକାଧିକ ନିର୍ଦ୍ଦେଶଗୁଡିକୁ ଏକାଠି କରି ଗୋଟିଏ ପୁସ୍ତକ

**''ଖୁଦା କି କସମ୍''**

ନାମରେ ପ୍ରକାଶ କରାଯାଇଅଛି । ଏହି ପୁସ୍ତକକୁ ପ୍ରାପ୍ତ କରିବା ପାଇଁ ଇଚ୍ଛୁକ ବ୍ୟକ୍ତମାନେ ପୋଷ୍ଟକାର୍ଡ଼ / ଇ-ମେଲ୍ ଜରିଆରେ ମାଗଣାରେ ପାଇପାରିବେ ।

E-Mail : ansarullahbharat@gmail.com
Ph:- 01872-220186
Fax:- 01872-224186

**Postal Address :-**
Aiwan-e-Ansar, Mohalla Ahmadiyya,
Qadian-143516, Punjab
For online visit:-www.alislam.org/urdu/library/57.html

# ଖୁତ୍‌ବା ଜୁମା

- ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କ ଦାବି ଏବଂ ଜମାତ ସ୍ଥାପନଠାରୁ ଆଜି ପର୍ଯ୍ୟନ୍ତ ହଜ୍‌ରତ୍ ମସିହ ମଉଦ୍ ଆ:ସ ଏବଂ ଆପଣଙ୍କ ଅନୁଗାମୀଙ୍କ ଉପରେ ମୁସଲ୍‌ମାନମାନଙ୍କ ତରଫରୁ ବାରମ୍ବାର ଦୋଷାରୋପ କରାଯାଉଛି କି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନିଜକୁ ନବୀ ବୋଲି କହିଛନ୍ତି ଏବଂ ଆମ୍ଭେମାନେ ହଜ୍‌ରତ୍ ମସିହ ମଉଦ୍ ଆ:ସ ଙ୍କୁ ନବୀ ରୂପେ ମାନିବା ଦ୍ୱାରା ଖତ୍‌ମେ ନବୁଓ୍ୱତ୍‌ର ଅମାନ୍ୟକାରୀ ହୋଇଛୁ । ବାସ୍ତବରେ ଆମେ ଜାଣିଛୁ ଯେ ଏହା ଆମ ଉପରେ ଏକ ମିଥ୍ୟା ଆରୋପ ଓ ଲାଂଛନା ଅଟେ ।

- ପ୍ରଥମରୁ ଅଧିକ ଇସ୍‌ଲାମ୍ ବିଷୟଗୁଡ଼ିକୁ ଶିଖନ୍ତୁ ଏବଂ ନିଜ ବନ୍ଧୁମାନଙ୍କୁ କହନ୍ତୁ ଯେ ଆମେ ମୁସଲ୍‌ମାନ ଅଟୁ ଏବଂ ଇସ୍‌ଲାମୀୟ ଶିକ୍ଷାନୁସାରେ ପରିଚାଳିତ ହେଉଅଛୁ । ଆଁ ହଜରତ୍ ସ:ଆ:ସ ଙ୍କୁ ''ଖାତମୁନ୍ ନବୀନ୍'' ବୋଲି ମାନୁଛୁ ଏବଂ ଆପଣଙ୍କ ସ୍ୱର୍ଗବାଣୀ ଅନୁଯାୟୀ ମଧ୍ୟ ଆସିବାକୁ ଥିବା ମସିହ୍ ମଉଦ୍‌ଙ୍କୁ ଆଁ ହଜ୍‌ରତ୍ ସ:ଅ:ସ ଙ୍କର ଗୁଲାମ୍ (ଦାସ) ଏବଂ ଆପଣଙ୍କ ସାନ୍ନିଧ୍ୟ ଦ୍ୱାରା ନବୀ ସ୍ୱୀକାର କରୁଛୁ ।

- ଯେତେବେଳେ ଶତୃତା ଅଧିକ ହୋଇଥିଲା ବିରୋଧୀମାନେ ଯମାତ୍ ପାଇଁ ପିଢ଼ିଆ ପରି କାମ ଦେଲେ । ସେଥିପାଇଁ ଆମ୍ଭମାନଙ୍କୁ କେବେ ବି କୌଣସି ପ୍ରକାର ଚିନ୍ତା ଥିଲା ନା ଅଛି ନା ହେବା ଆବଶ୍ୟକ । ବର୍ତ୍ତମାନର ଏହି ଶତୃତାରୁ ମଧ୍ୟ ଗଣ ମାଧ୍ୟମ ଜରିଆରେ ଯମାତର ବହୁଳ ଭାବେ ପରିଚୟ ହୋଇଅଛି ଯାହାକି ପ୍ରଥମରୁ ଆମେ ଏତେ ସ୍ୱଳ୍ପ ସମୟ ମଧ୍ୟରେ କରିପାରିନଥାନ୍ତୁ ।

- ହଜ୍‌ରତ୍ ମସିହ୍ ମଉଦ ଆ:ସ ତାଙ୍କ ହାକିମ ଓ ଆଧାତ୍ମିକ ଗୁରୁ ହଜ୍‌ରତ୍ ମହମ୍ମଦ୍ ର:ସ:ଆ:ସ ଙ୍କ ସ୍ଥାନ ଓ ଦରଜାକୁ କେବଳ ଶିକ୍ଷାଭିତିକ ଓ ବୁଦ୍ଧିମତା ରଙ୍ଗରେ ପ୍ରମାଣିତ କରିନଥିଲେ ବରଂ ଇସ୍‌ଲାମୀୟ ଶିକ୍ଷାଗତ ଓ ପ୍ରକାଶ ମଧ୍ୟ ଆପଣଙ୍କ ଶିକ୍ଷା ଓ କାର୍ଯ୍ୟଶୈଳୀରୁ ଉଦ୍‌ଭାଷିତ ହେଉଅଛି ।

## ଖୁତ୍‌ବା ଜୁମା: ସୟଦନା ହଜରତ ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ
## (ପ୍ରଦତ୍ତ: ୨୯ ଅପ୍ରେଲ ୨୦୧୬ ଅନୁଯାୟୀ ୨୯ ଶାହାଦତ୍ ୧୩୯୫ ହି.ଶ)

أَشْهَدُ أَنْ لَّا إِلٰهَ إِلَّا اللهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُولُهُ

أَمَّا بَعْدُ فَأَعُوذُ بِاللهِ مِنَ الشَّيْطٰنِ الرَّجِيمِ - بِسْمِ اللهِ الرَّحْمٰنِ الرَّحِيمِ

اَلْحَمْدُ لِلّٰهِ رَبِّ الْعَالَمِيْنَ ـ اَلرَّحْمٰنِ الرَّحِيْمِ ـ مٰلِكِ يَوْمِ الدِّيْنِ ـ اِيَّاكَ نَعْبُدُ وَاِيَّاكَ نَسْتَعِيْنُ ـ

اِهْدِنَا الصِّرَاطَ الْمُسْتَقِيْمَ ـ صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ ـ

ହଜ୍‌ରତ୍ ମସିହ ମଉଦ ଆ:ସ ଙ୍କ ଦାବି ଓ ଯମାତ୍ ସ୍ଥାପନଠାରୁ ଆଜି ପର୍ଯ୍ୟନ୍ତ ହଜ୍‌ରତ୍ ମସିହ୍ ମଉଦ ଆ:ସ ଓ ଆପଣଙ୍କ ଅନୁଗାମୀ ମାନଙ୍କ ଉପରେ ମୁସଲ୍‌ମାନ୍‌ଙ୍କ ତରଫରୁ ରୀତିମତ ଏହି ଆରୋପ ଲାଗିଆସୁଅଛି ଯେ, ହଜ୍‌ରତ୍ ମସିହ୍ ମଉଦ ଆ:ସ ନିଜକୁ ନବୀ ବୋଲି କହି କିମ୍ବା ଆମ୍ଭେମାନେ ହଜ୍‌ରତ୍ ମସିହ୍ ମଉଦ ଆ:ସ ଙ୍କୁ ମାନିବା ପାଇଁ ''ଖତ୍‌ମେ ନବୁଓ୍ୱତର୍'' ଖଣ୍ଡନ କରୁଅଛୁ ।

ବାସ୍ତବ ଏଇଆ ଅଟେ ଯେ, ଆମେ ଜାଣିଛୁ ଯେ, ଏହା ସମ୍ପୂର୍ଣ୍ଣରୂପେ ଆମ୍ଭମାନଙ୍କ ଉପରେ ମିଥ୍ୟା ଆରୋପ ଓ ଅଭିଯୋଗ ଅଟେ । ଆମ୍ଭେମାନେ ହଜ୍‌ରତ୍ ମସିହ୍ ମଉଦ ଆ:ସଙ୍କ ଶିକ୍ଷା ଅନୁଯାୟୀ ହିଁ ଆଁ ହଜ୍‌ରତ୍ ସ:ଆ:ସ ଙ୍କୁ ଶେଷ ନବିରେ ଅଧିକ ମାନିଲାବାଲା ଓ ସେଥିପାଇଁ ସ୍ନେହଭରା ଓ ଆପଣ ଆଣିଥିବା ଧର୍ମକୁ ପୃଥିବୀରେ ପ୍ରସାର କଲାବାଲା ଅଟୁ । ଯେତେ ପରିମାଣର ଅନ୍ୟ ମୁସଲ୍‌ମାନ ମାନେ ପ୍ରକାଶ କରିଥାନ୍ତି ଓ ମାନିଥାନ୍ତି ବରଂ ଅନ୍ୟ ମୁସଲ୍‌ମାନମାନେ ଆ:ସ:ଆ:ସ ଙ୍କ ସ୍ଥାନକୁ ଯେଉଁ ପରିମାଣରେ ଲକ୍ଷ ଗୁଣ ମଧ୍ୟ ବୁଝୁନାହାଁନ୍ତି, ଅଲ୍ଲାଃତାଲାଙ୍କ କୃପାରୁ ହଜ୍‌ରତ୍ ମସିହ୍ ମଉଦ ଆ:ସ ଙ୍କ ଶିକ୍ଷା ଦ୍ୱାରା ହିଁ ଅହମଦିମାନେ ବୁଝିପାରିଛନ୍ତି । ଯାହା ହେଉନା କାହିଁକି, ''ଖତ୍‌ମେ ନବୁଓ୍ୱତ୍'' କୁ ଭିତି ପ୍ରସ୍ଥର କରି ଅନ୍ୟ ମୁସଲ୍‌ମାନ ସର୍ବଦା ଅହମଦିମାନଙ୍କର ଶତ୍ରୁତା କରିଆସୁଛନ୍ତି ସମୟେ ସମୟେ କୌଣସି ନା କୌଣସି କଥାକୁ ନେଇ ସେଥିରେ ଅଧିକ ଘଂଟା ଚକଟା ହୋଇ ଯାଉଛି ଏବଂ ବିଭିନ୍ନ ସଂଗଠନ ତରଫରୁ ମୁସଲ୍‌ମାନମାନଙ୍କୁ ସେହି ବିଷୟକୁ ନେଇ ପୂର୍ବରୁ ଅଧିକ ଉତେଜିତ କରିବା ପାଇଁ ଚେଷ୍ଟା କରାଯାଉଅଛି ।

ବିଗତ କିଛି ଦିନ ହେବ ଗ୍ଲାସ୍କୋରେ ଅହମଦିକୁ ସହିଦ୍ କରାଗଲା । ସେଥିପାଇଁ ସେହି ବିଷୟକୁ ନେଇ ଶତ୍ରୁମାନେ ନିଜ ଜୀବନରକ୍ଷା କରିବା ପାଇଁ ଧାର୍ମିକ ବିଷୟ ତିଆରି କରିବା ପାଇଁ ଚେଷ୍ଟା କଲା । କିନ୍ତୁ ପ୍ରଶାସନର ହସ୍ତକ୍ଷେପ ଏବଂ ଗଣ ମାଧ୍ୟମର ଅଶେଷ ଇତି ଯୋଗୁଁ ସେହି ବହୁତ୍ ଗୁଡାଏ ସଙ୍ଗଠନ ଗୁଡିକ ଯାହା ଏଠି ମୁସଲମାନ ମାନଙ୍କର ଗୋଟିଏ ବଡ଼ ସଙ୍ଗଠନ ଅଛି ଅପଙ୍ଗର ପରିଚୟ ପ୍ରକାଶ କରିବାକୁ ଲାଗିଲା । କିନ୍ତୁ ତା ସହିତ ସେ କଥାରେ ମଧ୍ୟ ଜିଦିରେ ଅଟଳ ରହିଲେ ଏବଂ ତାହା ପ୍ରକାଶ ମଧ୍ୟ କଲେ ଯେ, ଅହମଦି ମୁସଲ୍‌ମାନ ପ୍ରକୃତରେ ନୁହଁନ୍ତି । ମସ୍‌ଜିଦ୍ ମାନଙ୍କରେ ବହୁ ସଂଖ୍ୟାରେ ପ୍ରକାଶ କରାଯାଉଅଛି ଏବଂ ସାଧାରଣ ମୁସଲମାନଙ୍କ ହୃଦୟରେ ଏହି ପରିମାଣରେ ଭର୍ତି କରିଦେଇଛନ୍ତି ଯେ, ସେହି ମୁସଲମାନ ମିଶୁ, ଯେଉଁମାନଙ୍କ ଲାଭ ପରେ ବର୍ତମାନ ଠିକ୍ ଭାବେ କଲମା ମଧ୍ୟ ମନେ ନାହିଁ । ଯେଉଁମାନଙ୍କ ଏକଥା ମଧ୍ୟ ଜଣାନାହିଁ ଯେ ଖତ୍‌ମେ ନବୁଓ୍ୱତ୍ କଣ ବୋଲି ?

ସେମାନେ ଅହମଦି ପିଲାମାନଙ୍କୁ କରୁଛନ୍ତି ଯେ, ତୁମ୍ଭେମାନେ ମୁସଲମାନ୍ ନୁହଁ । କେତେକ ବାଳକ, ବାଳିକା ବିଗତ ଦିନ ମୋ ପାଖକୁ ଲେଖିଥିଲେ ଯେ, ଆମମାନଙ୍କ ସହିତ ଏପରି ବ୍ୟବହାର କରାଯାଉଛି । ମୁଁ ସେମାନଙ୍କୁ ଏଇଆ କହିଛି ପୂର୍ବରୁ ଅଧିକ ମାତ୍ରାରେ ଇସ୍‌ଲାମ୍‌ର କଥାଗୁଡିକ ଶିଖ ଏବଂ ତୁମ ସାଙ୍ଗମାନଙ୍କୁ କହକି ଆମେ ତ ମୁସଲମାନ ଅଟୁ ଏବଂ ଇସ୍‌ଲାମୀୟ ଶିକ୍ଷା ଉପରେ ଅମଳ କରୁଛୁ । ଆଁ ହଜ୍‌ରତ୍ ସ:ଆ:ସଙ୍କୁ ମଧ୍ଯ ''ଖାତେମୁନ୍ ନବୀନ୍'' ବୋଲି ମାନୁଛୁ ଏବଂ ଆପଣ [ସ:ଆ:ସ] ଙ୍କ ଭବିଷ୍ୟତ ବାଣୀ ଅନୁସାରେ, ମସିହ ମଉଦ୍ ଙ୍କ ଆଗମନକୁ ଆଁ ହଜ୍‌ରତ୍ ସ:ଆ:ସ ଙ୍କ ଚାକର ଓ ଆପଣଙ୍କ ଆଜ୍ଞାଧୀନ ନବି ବୋଲି ମାନୁଛୁ ।

ପୃଥିବୀର ବିଭିନ୍ନ ଦେଶରେ ଅହମଦିଙ୍କ ବିରୋଧରେ ବେଳେବେଳେ ଅପପ୍ରଚାର ହେଉଅଛି । ବର୍ତମାନ ଯେହେତୁ ଗଣ ମାଧ୍ୟମ ଓ ଯାତ୍ରା କରିବାର ସୁବିଧା ଯୋଗୁଁ ଅପପ୍ରଚାରବାଦୀମାନେ ସବୁ ସ୍ଥାନରେ ପହଂଚି ଯାଉଛନ୍ତି । ସେଥିପାଇଁ ବର୍ତମାନ ପୃଥିବୀର କୌଣସି ଦେଶ ମଧ୍ଯ ବିଶୃଙ୍ଖଳା ସୃଷ୍ଟି କରୁଥିବା ଦୁଷ୍ଟ ପ୍ରକୃତିର ମୁସଲ୍‌ମାନଙ୍କ ଯୋଗୁଁ ସୁରକ୍ଷିତ ନୁହନ୍ତି । ଆଫ୍ରିକାର କେତେକ ସ୍ଥାନରେ ପହଂଚି ଯାଉଛନ୍ତି ଏବଂ ଯଦି ଓ ଏହି ଲୋକମାନେ କେବେହେଲେ ପହଂଚିନଥିଲେ ଓ ଅଧର୍ମି ଥିଲେ କିମ୍ବା ଇସାଇଥିଲେ, ଖଳ, ଦୁଷ୍ଟ ପ୍ରକୃତିର ମୁସଲମାନଥିଲେ । ଯେତେବେଳେ ଅହମଦିମାନେ ସେଠାକୁ ଯାଇ ଯମାତ୍ ସ୍ଥାପନ କଲେ, ମସ୍‌ଜିଦ୍ ନିର୍ମାଣ କଲେ ତେବେ ସେଠାକୁ ମଧ୍ଯ ଚାଲିଯାଉଛନ୍ତି ଏବଂ କହୁଛନ୍ତି ଏମାନେ ମୁସଲମାନ ନୁହଁନ୍ତି । ଏହାତ ସେମାନଙ୍କର ବାରମ୍ବାର ଆକ୍ରମଣ ଅଟେ । ଯାହାକୁ କି ଏମାନେ ବ୍ୟବହାର କରି ଚାଲିଥିବେ । ସେଥିପାଇଁ ଏଠାକାର ବାସିନ୍ଦା ଓ ୟୁରୋପବାସୀଙ୍କୁ ଦୁଷ୍ଟ ମୁସଲ୍‌ମାନ ସେଠାରେ ପହଂଚୁଛନ୍ତି । ସେହି ଶିକ୍ଷା ଯୋଗୁଁ ଯେଁ ଶିକ୍ଷା ସେମାନେ ମଦ ମସ୍‌ଜିଦ୍ ଓ ମଦର୍‌ସା (ଧାର୍ମିକ ପାଠଶାଳା) ଘରେ ପରିବାରରେ ସେମାନଙ୍କ ସନ୍ତାନମାନଙ୍କୁ ଦେଇଛନ୍ତି ତାଙ୍କ ସନ୍ତାନମାନଙ୍କ ଚିନ୍ତାଧାରା ମଧ୍ଯ ବିଷରେ ପରିପୂର୍ଣ୍ଣ ହେଉଅଛି । କିନ୍ତୁ ଯେଉଁ ବି ଏମାନେ ପହଂଚୁଛନ୍ତି ତା ସହିତ ଆମର ପ୍ରତ୍ୟେକ ଅହମଦି ପିଲାମାନଙ୍କର ଓ ଯୁବକମାନଙ୍କର ମଧ୍ଯ କର୍ତବ୍ୟ ଯେ ଇସ୍‌ଲାମ୍‌ର ପ୍ରକୃତ ଶିକ୍ଷାର ସମ୍ପୂର୍ଣ୍ଣ ରୂପେ ଜ୍ଞାନ ହାସଲ କରନ୍ତୁ । ସେହି ଶିକ୍ଷା ବିଷୟରେ ଜ୍ଞାନ ଆହୋରଣ କରନ୍ତୁ, ଯାହାକୁ ଏହି ଯୁଗରେ ହଜରତ ମସିହ ମଉଦ୍ ଆ:ସ ଆମମାନଙ୍କୁ ପ୍ରାଞ୍ଜଳ ଭାବରେ କହିଛନ୍ତି । ଯାହାଦ୍ଵାରା ଯମାତ୍ ଅହମଦୀୟା ତିଷ୍ଠି ରହିଛି । ତାହାହେଲା ଯେ, ଆ ହଜ୍‌ରତ୍ ସ:ଆ:ସ ଅଲ୍ଲାଃତାଲାଙ୍କ ଶେଷ ସହ (ସରିୟତ୍ ଅବତୀର୍ଣ୍ଣ ହୋଇଥିବା) ନବି ଅଟନ୍ତି । ସରିୟତ୍ ଦୃଷ୍ଟିରୁ ଆପଣଙ୍କଠାରେ ନବୁଓ୍ୱତ୍ ଶେଷ ହୋଇଯାଇଅଛି । ଅର୍ଥାତ୍ ବର୍ତମାନ କୌଣସି ସରିୟତି ନବିଙ୍କ ଆଗମନ ହୋଇପାରିବ ନାହିଁ । ସେହିପରି ପବିତ୍ର କୋରାନ୍ ଶେଷ ସରି ପୁସ୍ତକ ଅଟେ ଏବଂ ହଜ୍‌ରତ୍ ମସିହ ମଉଦ ଆ:ସ ଆଁ ହଜ୍‌ରତ୍ [ସ:ଆ:ସ] ଙ୍କ ଅଧିନରେ ଆସିଥିବା ଆପଣଙ୍କ ଆଜ୍ଞାଧୀନ ନବି ଅଟନ୍ତି । ଆପଣଙ୍କ ପ୍ରଦତ ସରିୟତ୍‌କୁ ଜାରି ରଖିଥିବା ନବି ଅଟନ୍ତି, ଯେ କି ଆଁ ହଜ୍‌ରତ୍ ସ:ଆ:ସ ଙ୍କ ସରିୟତ୍‌କୁ ହିଁ ପୃଥିବୀ ପୃଷ୍ଠରେ ପ୍ରସାରଣକାରୀ ଅଟନ୍ତି ।

ଯମାତ୍ ସହିତ ଅଲ୍ଲାଃତାଲାଙ୍କର ଏହି ବ୍ୟବହାର ଆମେ ସବୁବେଳ ପାଇଁ ଦେଖିଛୁ ଯେ ଯେତେବେଳେ ବି ଶତ୍ରୁତା ଉଦ୍ରେକ ହୋଇଛି ଶତ୍ରୁମାନେ ଯମାତ୍ ପାଇଁ ସାର ଦେଲା ଭଳି କାମ କରିଛନ୍ତି । ସେଥିପାଇଁ ଆମକୁ କୌଣସି ପ୍ରକାର ଚିନ୍ତା କେବେହେଲେ ଥିଲା ନା ଅଛି ନା ତ ଏ ସଂକ୍ରାନ୍ତରେ କୌଣସି ଚିନ୍ତାକରିବାର ଆବଶ୍ୟକ ଅଛି । ବର୍ତମାନର ଶତ୍ରୁତାରୁ ମଧ୍ଯ ଗଣ ମାଧ୍ୟମ ଜରିଆରେ ଯମାତର ବହୁଳ ପରିମାଣରେ ପରିଚୟ ହୋଇଅଛି । ଯାହାକୁ କେବେ ହେଲେ ଆମେ ଏତେ ଅଳ୍ପ ସମୟ ମଧ୍ୟରେ କରିପାରିନଥାନ୍ତୁ । ଏଠାରେ ମଧ୍ଯ ଏହି ଦେଶରେ ଏଥିପ୍ରତି ଅଧିକ ଧ୍ୟାନ ଆକର୍ଷଣ ହୋଇଅଛି । ଏକ ମାଧ୍ୟମ ଯେ କେତେକ ଅହମଦି ଯୁବକ ଯେଉଁମାନେ ବି ଧର୍ମ ସମ୍ବନ୍ଧରେ ଅଧିକ ରୁଚି ରଖୁନାହାଁନ୍ତି । ଜମାତ ସହିତ ସେମାନଙ୍କର ଏତେ ମାତ୍ରାରେ ଉଠିବା ବସିବା ନଥିଲା କିମ୍ବା ଯିବା ଆସିବା ନଥିଲା, କେବେ ଇଦ୍ ସମୟରେ ଆସନ୍ତି ଅଥବା ଦୂରରୁ ସମ୍ପର୍କ ରଖନ୍ତି । କିନ୍ତୁ ଏହି ଗଣମାଧ୍ୟମ ଜରିଆରେ ସେମାନଙ୍କୁ ଜଣାପଡ଼ିଲା କି ଆମେ ହଜ୍‌ରତ୍ ମସିହ ମଉଦ ଆ:ସଙ୍କୁ ନବିବୋଲି ମାନୁଛୁ ।

ହଜରତ ମସିହ୍ ମଉଦ [ଆ:ସ] ଆଁ ହଜ୍‌ରତ୍ [ସ:ଆ:ସ]ଙ୍କ ଆଜ୍ଞାବହତାର କିପରି କାର୍ଯ୍ୟ ପୁରଣ କଲେ ଏବଂ ଆପଣ ସ:ଆ:ସ ''ଖାତିମୁନ୍ ନବିନ୍'' ହେବାର ସ୍ଥାନକୁ କିପରି ପ୍ରତିଷ୍ଠା କରି ଦେଖାଇଲେ ଏବଂ କିପରି ଆମ୍ଭମାନଙ୍କର ପରାମର୍ଶଦାତା ହୋଇଥିଲେ ସେହି ବିଷୟରେ ହଜ୍‌ରତ୍ ମସିହ ମଉଦ [ଆ:ସ] ଙ୍କର କେତେକ ନିର୍ଦ୍ଦେଶାବଳୀ ଉପସ୍ଥାପନ କରୁଛି ।

ସତ୍ୟରେ ମନେରଖ ଯେ, କୌଣସି ବ୍ୟକ୍ତି ସତ୍ୟବାଦୀ ମୁସଲମାନ ହୋଇପାରିବ ନାହିଁ ଓ ଆଁ ହଜ୍‌ରତ୍ [ସ:ଆ:ସ] ଙ୍କ ଆଜ୍ଞାବହ ହୋଇପାରିବ ନାହିଁ ଯେତେବେଳଯାଏଁ ଆଁ ହଜ୍‌ରତ୍ [ସ:ଆ:ସ] ଙ୍କୁ ଖାତେମୁନ୍ ନବୀନ ବୋଲି ବିଶ୍ଵାସ ନକରେ ଯେତେବେଳଯାଏଁ ସେହି (ଅପପ୍ରଚାରକାରୀ) ମାନଙ୍କଠାରୁ ଅଲଗା ନ ହୋଇଛି (ଅର୍ଥାତ୍ ଯେଉଁ ନୂଆ ନୂଆ କଥାଗୁଡିକ ଓ ବିଭିନ୍ନ ପ୍ରକାର ଚର୍ଚ୍ଚା ବିଭିନ୍ନ ପ୍ରକାରର ଝଗଡ଼ା, ବିଶୃଙ୍ଖଳା ସେହି ଲୋକମାନେ ଧର୍ମରେ ମିଶାଇ ଦେଇଛନ୍ତି । ଯେତେବେଳଯାଏଁ ସେଥିରୁ ଅଲଗା ନହୋଇଛି ଏହାକୁ ହଜ୍‌ରତ୍ ମସିହ ମଉଦ [ଆ:ସ] ସାମିଲ୍ କରିନାହାଁନ୍ତି ବରଂ ବିଭିନ୍ନ ଜ୍ଞାନୀ (ଓଲମା) ପିରମାନେ ସାମିଲ୍ କରିଛନ୍ତି । ଆପଣ କହିଛନ୍ତି ଯେ, ଯେତେବେଳ ପର୍ଯ୍ୟନ୍ତ ସେମାନଙ୍କଠାରୁ ଏ ଜିନିଷଗୁଡିକ ଅଲଗା ନ ହୋଇଛି, ନିଜ କଥାରେ ଓ କାର୍ଯ୍ୟରେ (ପ୍ରତ୍ୟେକ ବ୍ୟକ୍ତି ନିଜ କଥା ଓ କାର୍ଯ୍ୟରେ) ସ:ଆ:ସ ଙ୍କୁ ''ଖାତେମୁନ୍ ନବୀନ୍'' (ଶେଷନବୀ) ବୋଲି ନ ମାନେ କିଛି ନୁହେଁ'' ସୁତରାଂ, ଏହା କେବଳ ମୁହଁ କୁହା କଥା ନୁହେଁ ବରଂ କାର୍ଯ୍ୟରେ ମଧ୍ଯ ଆଁ ହଜ୍‌ରତ୍ ସ:ଆ:ସ ଙ୍କୁ ଖାତେମୁନ୍ ନବୀନ୍ ମାନିବାର ଆବଶ୍ୟକତା ରହିଛି । ଯଦି ଓ ସେ ମାନୁନାହିଁ ତେବେ ଆପଣ କହିଛନ୍ତି ସେ କରିବ ନାହିଁ । ଆପଣ କହନ୍ତି ଯେ, ସୟଦି କି ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି ଯେ,

**''ବଜୁହଦ୍ ଓ୍ୱରଅକୋଶ୍ ଓ୍ୱସିଦିକ୍ ଓ୍ୱ ସଫା**
**ଓ ଲେକିନ୍ ମୁଫିଜାଏ ବର୍ ମୁସ୍ତଫା''**

ଅର୍ଥାତ୍ ସ୍ଵଚ୍ଛତା ଓ ଭୟ, ସତ୍ୟବାଦୀ, ପବିତ୍ରତା ପାଇଁ ନିଶ୍ଚିତ ରୂପେ ଚେଷ୍ଟାକର କିନ୍ତୁ ମୁସ୍ତଫା ସ:ଆ:ସ ଙ୍କ କହିଥିବା ତରିକାରୁ ବହିର୍ଭୁତ ହୁଅନାହିଁ । ଆପଣ କହିଛନ୍ତି ଯେ, ଆମର ମୂଳମନ୍ତ୍ର ଯେଉଁଥିପାଇଁ ଖୋଦାତାଲା ଆମ ହୃଦୟରେ ଉଦ୍ଦିପନା ଭରିଦେଇଛନ୍ତି ଏହା ହିଁ ଅଟେ କି କେବଳ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ଙ୍କ ନବୁଓ୍ୱତ୍‌କୁ ପ୍ରତିଷ୍ଠା କରାଯାଉ ଯାହାକି ସବୁଦିନ ପାଇଁ ଖୋଦାତାଲା ପ୍ରତିଷ୍ଠା କରିଛନ୍ତି ଏବଂ ସମସ୍ତ ମିଥ୍ୟା ନବୁଓ୍ୱତ୍‌କୁ ଖଣ୍ଡ, ବିଖଣ୍ଡ କରିଦିଆଯାଉ ଯାହାକୁ ସେହି ଲୋକମାନେ ନିଜ ଫସାଦ୍ ଜରିଆରେ ପ୍ରତିଷ୍ଠା କରିଛନ୍ତି । ଏହି ନୂଆ ନୂଆ ଅପପ୍ରଚାର ସୃଷ୍ଟି କରି ଆଁ ହଜ୍‌ରତ୍ ସ:ଆ:ସ ଙ୍କ ଶିକ୍ଷାରୁ ଏମାନେ ଦୂରେଇ ଯାଇଛନ୍ତି । ଅସଲରେ ଏମାନେ ତ ନବୁଓ୍ୱତ୍‌ର ମୋହରକୁ ଭାଙ୍ଗିବାବାଲା ଅଟନ୍ତି କହିଲେ ଏହି ସିଙ୍ଘାସନ ଆରୋହିମାନଙ୍କୁ ଦେଖ ଏବଂ ସେମାନଙ୍କ କାର୍ଯ୍ୟ ଶୈଳୀ ସମୀକ୍ଷା କର । ଅର୍ଥାତ୍ ପିରମାନଙ୍କର ଯେଉଁ ସିଙ୍ଗାସନ ଅଛି ତାକୁ ଦେଖ ଏବଂ ତା'ର କାର୍ଯ୍ୟଶୈଳୀ ଉପରେ ସମୀକ୍ଷା କର । କ'ଣ ରସୁଲୁଲ୍ଲାଃ ସ:ଆ:ସ ଙ୍କ ଖତ୍‌ମେ ନବୁଓ୍ୱତ୍ ଉପରେ ଆମେ ବିରାସ ରଖୁଛୁ ନା ସେମାନେ କହିଲେ ଏହା ଅତ୍ୟାଚାର ଓ ବିଶୃଙ୍ଖଳା କଥା ଯେ, ଖତ୍‌ମେ ନବୁଓ୍ୱତ୍ ରୁ ଖୋଦାତାଲାଙ୍କର ଏତିକି ଇଚ୍ଛା ପ୍ରକଟ କରାଯାଉ ଯେ, କେବଳ ମୁହଁରେ ଖାତେମୁନ୍ ନବୀନ୍ ମାନିନିଅ ଆଉ କାର୍ଯ୍ୟକଳାପ ସେଇ ଭଳିଆ, ଯାହା ତୁମ୍ଭେ ବିଶୃଙ୍ଖଳାକାରୀମାନେ କରୁଅଛୁ । ଆଉ ନିଜର ଗୋଟିଏ ସରିୟତ୍ ତିଆରି କରିଦିଅ । ବାଗ୍‌ଦାଦି ନମାଜ, ଭଲଟା ନମାଜ ଇତ୍ୟାଦି ଆବିଷ୍କାର କରିଛନ୍ତି । (ଅର୍ଥାତ୍ ମୁସଲ୍‌ମାନ ଗୋଷ୍ଠୀ ଏବଂ ସଂପ୍ରଦାୟ ଗୁଡିକ ମଧ୍ୟରେ) କହିଲେ କୋରାନ୍ କରିମ୍ ଓ ନବୀ କରିମ୍ ସ:ଆ:ସ ଙ୍କ କାର୍ଯ୍ୟଶୈଳୀରୁ କଣ ଏଗୁଡିକର କୌଣସି ସୂଚନା ରହିଛି ? ''ଶେଖ୍ ଅବ୍ଦୁଲ କାଦିର ଜିଲାନି ସୟାନ୍ ଲିଲ୍ଲାହି'' ଙ୍କ ପରେ ଏହାର ପ୍ରମାଣ କଣ କୋରାନ୍ କରିମ୍‌ରେ ମିଳୁଛି ? ଆଁ ହଜ୍‌ରତ୍‌ଙ୍କ ସମୟରେ ତ ଶେଖ୍ ଅବ୍ଦୁଲ କାଦର୍ ଜିଲାନି [ର:ଅ] ଙ୍କ ଅସ୍ତିତ୍ଵ ହିଁ ନଥିଲା । ପୁଣି ଏହାକୁ କିଏ କହିଥିଲା ? ଇସ୍‌ଲାମୀୟ ସରିୟତ୍‌ର ଆଜ୍ଞାବହ ଓ ନିଶ୍ଚିତ ହେବା କଣ ଏହାର ନାମ ଅଟେ କି ? ବର୍ତମାନ ନିଜେ ଫଏସଲା କର ଯେ, ଏହି କଥାଗୁଡିକୁ ମାନିକରି, ଏପରି କାର୍ଯ୍ୟକରି କ'ଣ ତୁମେମାନେ ଏହାର ଯୋଗ୍ୟ ଅଟ ଏବଂ ମୋତେ ଅପପ୍ରଚାର କର, ମୁଁ ଖାତେମୁନ୍ ନବୀନ୍ ର ମୋହର ଙ୍କୁ ଖଣ୍ଡନ କରୁଛି ବୋଲି ? ପ୍ରକୃତ ଓ ନିରାଟ ସତ କଥା ହେଲା ଏଇଆ ଯେ, ଯଦି ଓ ତୁମେମାନେ ତୁମ ମସ୍‌ଜିଦ୍ ଗୁଡିକର ଏପରି କୁ ପ୍ରଥାକୁ ପ୍ରସୟ ଦେଇନଥାନ୍ତ ଓ ଖାତେମୁନ୍ ନବୀନ ସ:ଆ:ସ ଙ୍କ ସତ୍ୟବାଦୀ ନବୁଓ୍ୱତ୍ ଉପରେ ବିଶ୍ଵାସ ଆଣି ତୁମମାନଙ୍କର କାର୍ଯ୍ୟଶୈଳୀ ଓ ପାଦଚିହ୍ନକୁ ନିଜର ଉତରାଧିକାରୀ ରୂପେ ଗ୍ରହଣ କରି ଯଦିଓ ଚାଲିଥାନ୍ତ ତାହେଲେ ମୋ ଆଗମନର ଆବଶ୍ୟକତା କଣ ଥିଲା ? ତୁମମାନଙ୍କର ସେହି କୁ ସଂସ୍କାର ଓ ନୂଆ ନବୁଓ୍ୱତ୍ ହିଁ ଅଲ୍ଲାଃତାଲାଙ୍କ ଇର୍ଷାକୁ ଆରମ୍ଭ କରିଛନ୍ତି କି ରସୁଲୁଲ୍ଲାଃ ସ:ଆ:ସ ଙ୍କ ଚାଦରରେ ଜଣେ ବ୍ୟକ୍ତିଙ୍କୁ ପ୍ରେରଣ କରି ଯେଉଁମାନେ ଏହି ମିଥ୍ୟା ନବୁଓ୍ୱତ୍‌ର ମୁର୍ତୀକୁ ଭାଙ୍ଗିରୁଜି ଚୁର୍‌ମାର୍ କରନ୍ତୁ ଏହି କାମ ପାଇଁ ଖୋଦା ମୋତେ ଧାର୍ଯ୍ୟ କରି ପ୍ରେରଣ କରିଛନ୍ତି ।

ଆପଣ କହିଛନ୍ତି ଯେ, ଶାସନାଧକ୍ଷ ମାନଙ୍କର ଆଜ୍ଞାବହ ହେବା କିମ୍ବା ତାଙ୍କ ଘରକୁ ଯିବା ଆସିବା କରିବା ତ କେବଳ ସାଧାରଣ କଥା ଅଟେ । ସୁତରାଂ ଅଲ୍ଲାଃତାଲା ଏଇ ଯମାତ୍‌କୁ ଏଥିପାଇଁ ପ୍ରତିଷ୍ଠା କରିଛନ୍ତି କି ଆଁ ହଜ୍‌ରତ୍ ସ:ଆ:ସଙ୍କ ନବୁଓ୍ୱତ୍ ଓ ସମ୍ମାନକୁ ପୁନର୍ବା ପ୍ରତିଷ୍ଠା କରନ୍ତୁ । କହିଲେ ଯେ, ଜଣେ ବ୍ୟକ୍ତି ଯିଏ କାହାର ପ୍ରେମିକ ବୋଲି ନିଜକୁ କହୁଛି । ଯଦିଓ ତାଙ୍କ ପହ ଆର ହଜାର ହଜାର ସଂଖ୍ୟାରେ ଜନ୍ମ ନିଅନ୍ତି ତେବେ ତାଙ୍କର ସ୍ନେହ ଓ ପ୍ରେମର ବିଶେଷତା କ'ଣ କହିଲା ? (ଅର୍ଥାତ୍ ଜଣେ ବ୍ୟକ୍ତି ସହିତ ପ୍ରେମ ଅଛି ତେବେ ତା ଭିତରେ ବିଶେଷଣ ଓ ବ୍ୟକ୍ତିତ୍ଵ କଣ ରହିଛି) କହିଲେ ''ଯଦିଓ ରସୁଲଲ୍ଲାଃ ସ:ଆ:ସ ଙ୍କ ସ୍ନେହ ଓ ପ୍ରେମରେ ଉତ୍ସର୍ଗରତ ଯେପରିକି ଏମାନେ ଦାବି କରୁଛନ୍ତି, ଏହା କିପରି କଥା ଯେ, ହଜାର ହଜାର ଫକିର ମାନଙ୍କର କବର ପୁଜା କରୁଛନ୍ତି'' । କହିଲେ ''ପବିତ୍ର ମଦିନା ତ ଯାଉନାହାଁନ୍ତି । କିନ୍ତୁ ଆଜ୍‌ମେର୍ ଓ ଅନ୍ୟ କବର (ପିର୍‌ମାନଙ୍କ ସମାଧିସ୍ଥଳ) ଖାଲି ମୁଣ୍ଡ ଓ ଖାଲି ପାଦରେ ଯାଉଛନ୍ତି । ସଫାସୁତରା ହୋଇ ଦୁଃଖର ଝରକା ଦେଇ ଯିବାର ନାମ କଣ ମୁକ୍ତି ବୋଲି ଭାବୁଛନ୍ତି ? କୌଣସି କାର୍ଯ୍ୟକାରିତାର ଆବଶ୍ୟକତା ନାହିଁ ବୋଲି ଭାବୁଛନ୍ତି, କେବଳ ସେହି ଦ୍ଵାରା ପାଖଦେଇ ଚାଲିଯାଅ ଝରକା ପଟ ଦେଇ ଚାଲିଯାଅ ତୁମର ମୁକ୍ତି ହୋଇଗଲା'' । କିଏ ପତାକା ଛିଡ଼ା କରିଛି ତ କିଏ ଅନ୍ୟ ମାର୍ଗ ଆପଣେଇଛନ୍ତି । ସେହିଲୋକମାନଙ୍କର ବିଭାଘର ନିମନ୍ତ୍ରଣ ଓ ମେଳାକୁ ଦେଖି ଜଣେ ପ୍ରକୃତ ମୁସଲ୍‌ମାନ୍‌ଙ୍କର ହୃଦୟ ଥରିଉଠୁଛି ଯେ, ଏମାନେ ଏପରି କ'ଣ କରୁଛନ୍ତି । ଯଦିଓ ଖୋଦାତାଲାଙ୍କୁ ଇସ୍‌ଲାମ୍

ପ୍ରତି ପିଡ଼ା ନଥାନ୍ତା ଏବଂ ଇନ୍ନଲ୍ ଲଜିନା ଇନ୍ଦଲ୍ଲା ହୁଲ୍ ଇସ୍‌ଲାମ୍ (ଆଲେଇମ୍ରାନ୍:୨୦) ଖୋଦାଙ୍କ ବାଣୀ ହୋଇନଥାନ୍ତା ଏବଂ ସେ କହିନଥାନ୍ତେ (ଇନ୍ନା ନହନୁ ନଜ୍ଜଲ୍‌ନଜ୍ ଜିକରା ୱଇନ୍ନା ଲହୁଲହାଫେଜୁନ୍ (ହିଜ୍ର:୧୦) ହୋଇପାରେ ଯେ, ଆଜି ଇସ୍‌ଲାମ୍‌ର ଏପରି ଅବସ୍ଥା ହୋଇଯାଇଥିଲା ତାହା ଉଭେଇ ଯିବାର କୌଣସି ଦ୍ୱନ୍ଦ ହୋଇନଥାନ୍ତା । କିନ୍ତୁ ଅଲ୍ଲାଃତାଲାଙ୍କ ସମ୍ମାନ ଯୋଗୁଁ ପୁଣି ଉଦ୍ରେକ ହେଲା ଏବଂ ତାହା କରୁଣା ପ୍ରତିଶୃତି ସୁରକ୍ଷା ପାଇଁ ଆବଶ୍ୟକତାକୁ ଆଖି ଆଗରେ ରଖି ରସୁଲଲ୍ଲାଃ ସ:ଆ:ସ ଙ୍କ ପସନ୍ଦଯୋଗ୍ୟଙ୍କୁ ପୁନର୍ବାର ଅବତୀର୍ଣ୍ଣ କରି ଏବଂ ଏହି ଯୁଗରେ ଆପଣଙ୍କ ନବୁୱତ୍‌କୁ ନୂତନ ରୂପେ ଜୀବିତ କରି ଦେଖାଇଦେଲେ । ସେ ଏହି ସଂଗଠନ (ସିଲ୍‌ସିଲା) କୁ ପ୍ରତିଷ୍ଠା କଲେ ଓ ମୋତେ ମୃତ୍ୟୟନ କରି ମାର୍ଗ ଦର୍ଶନ ପାଇଁ ରୂପେ ପ୍ରେରଣ କରିଛନ୍ତି ।

(ମଲ୍‌ଫୁଜାତ୍ ଖଣ୍ଡ-୩, ପୃଷ୍ଠା-୯୦-୯୨, ପ୍ରକାଶନ:୧୯୮୫, ପ୍ରକାଶିତ:ଇଗ୍ଲିସ୍ ସ୍ଥାନ)

ପୁନଶ୍ଚ ହଜ୍‌ରତ୍ ମସିହ ମଉଦ ଆ:ସ ଙ୍କ ଆଗମନର ପ୍ରକୃତ ଉଦ୍ଦେଶ୍ୟ ଓ ଇଚ୍ଛାକୁ ବର୍ଣ୍ଣନା କରି ଗୋଟିଏ ଅବସରରେ ଆପଣ କହିଲେ- ''ଆମର ପ୍ରକୃତ ଉଦ୍ଦେଶ୍ୟ ଓ ଇଚ୍ଛା ଆଁ ହଜ୍‌ରତ୍ ସ:ଆ:ସ ଙ୍କ ମହିମା ପ୍ରକାଶ କରିବା ଏବଂ ଆପଣଙ୍କ ବୈଶିଷ୍ଟ୍ୟକୁ ପ୍ରତିଷ୍ଠା କରିବା ଆମର ଚର୍ଚ୍ଚାତ ସାଧାରଣଅଟେ । ଏଥିପାଇଁ ଯେ ଆଁ ହଜ୍‌ରତ୍ ସ:ଆ:ସ ଙ୍କ ଭିତରେ ଆକର୍ଷଣ ଓ ଉପକାର ପହଂଚାଇବାର ସମ୍ବଳ ଅଛି ଏବଂ ସେହି ଉପକାର ପହଂଚାଇବା ବିଷୟରେ ଆମର ଚର୍ଚ୍ଚା ଅଛି'' ।

(ମଲ୍‌ଫୁଜାତ୍ ଖଣ୍ଡ-୩, ପୃଷ୍ଠା-୨୬୯, ପ୍ରକାଶନ:୧୯୮୫, ପ୍ରକାଶିତ:ଇଗ୍ଲିସ୍ ସ୍ଥାନ)

ଅର୍ଥାତ୍ ଆଁ ହଜ୍‌ରତ୍ ସ:ଆ:ସ ଙ୍କ ଭିତରେ ଏହି ବଳ ଅଛି ଯେ, ଆପଣ ଉପକାର ପହଂଚାଇବା ବାଲା ଓ ଲାଭ ପହଂଚାଇବା ବାଲା ଅଟନ୍ତି ଏବଂ ଆପଣ କହିଲେକି, ସେହି ଲାଭ ଓ ଉପକାର ମଧ୍ୟରେ ମୋ ଚର୍ଚ୍ଚା ମଧ୍ୟ ଆସିଗଲା । ଏହା ଆ: ହଜ୍‌ରତ୍ ସ:ଆ:ସ ଙ୍କ ଲାଭ ହିଁ ଅଟେ, ଯିଏ ହଜ୍‌ରତ୍ ମସିହ ମଉଦ ଆ:ସ ଙ୍କୁ ଏହି ସ୍ଥାନ ପ୍ରଦାନ କରିଛନ୍ତି । ସୁତରାଂ ଆଁ ହଜ୍‌ରତ୍ ସ:ଆ:ସ ଙ୍କ ଉପକାରର ସୀମାକୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କୁ ନିଜ ଭିତରେ ସାଉଁଟି ନେଇଛନ୍ତି । ବର୍ତମାନ ଆଁ ହଜ୍‌ରତ୍ ସ:ଆ:ସ ଙ୍କ ଚର୍ଚ୍ଚା ସହିତ ଆପଣଙ୍କ ସତ୍ୟବାଦୀ ପ୍ରେମିକ (ଧର୍ମପ୍ରେମୀ) ଙ୍କ ଚର୍ଚ୍ଚା ମଧ୍ୟ ସାମିଲ୍ ହୋଇଗଲା ।

ପୁନରାୟ ସେହି କଥାକୁ ବର୍ଣ୍ଣନାକରି ଯେ, ଆପଣଙ୍କ ଆଗମନର ଉଦ୍ଦେଶ୍ୟ ହେଲା ମୁସଲ୍‌ମାନ୍‌ଙ୍କ ମଧ୍ୟରେ ଥିବା ଏକ ହଜାର ବର୍ଷର ଅନ୍ଧକାର ଯୁଗ ଯୋଗୁଁ ଯେଉଁ ନୂଆ କଥା ଗୁଡିକ ଓ କୁସଂସ୍କାର ସୃଷ୍ଟି ହୋଇଯାଉଥିଲା ସେଗୁଡିକର ସୁଧାର ହେଉ । ଆପଣ କହୁଛନ୍ତି- ''ପୁନର୍ବାର ମୁଁ ଏଇଆ କହୁଛି ଯେ, ଖୋଦାଙ୍କ ତରଫରୁ ଯେଉଁମାନେ ଆସୁଥାନ୍ତି ସେମାନେ କୌଣସି ଖରାପ କଥା ଆଦୌ କହନ୍ତି ନାହିଁ'' । ସେମାନ ତ ଏକଥା କହନ୍ତି ଯେ, ଖୋଦାଙ୍କର ଉପାସନାକର ଏବଂ ତାଙ୍କ ସୃଷ୍ଟିର ସମସ୍ତଙ୍କ ସହିତ ପୁଣ୍ୟ କର, ନମାଜ ପାଠକର ଓ ଯେଉଁ ଭୁଲ ଧର୍ମରେ ହୋଇଯାଇଛି ସେଗୁଡିକ ବାହାର କରନ୍ତି । ବର୍ତମାନ ମୁଁ ଆସିଛି, ମୁଁ ମଧ୍ୟ ସେହି ଭୁଲ୍‌କୁ ସୁଧାରିବା ପାଇଁ ହିଁ ପ୍ରେରଣ କରାଯାଇଛି, ଯାହା ଏକ ଅନ୍ଧକାରମୟ ଯୁଗରେ ଯାହା ମୁସଲ୍‌ମାନଙ୍କ ଭିତରେ ସୃଷ୍ଟିହୋଇଯାଇଥିଲା । ସବୁଠାରୁ ବଡ଼ଭୁଲ ହେଲା ଯେ, ଖୋଦାତାଲାଙ୍କ ମହାନତା ଓ ମହିମାକୁ ମାଟିରେ ମିଶାଇ ଦିଆଯାଇଥିଲା ଏବଂ ରସୁଲଲ୍ଲାଃ ସ:ଆ:ସ ଙ୍କ ସତ୍ୟତା, ବିଶେଷତା ଓ ଉଚ୍ଚକୋଟୀର ଏକେଶ୍ୱରବାଦକୁ ସନ୍ଦେହ ଭିତରେ ରଖିଦିଆଯାଇଥିଲା । ଗୋଟିଏ ପଟେ ତ ଇସାଇ କହୁଛନ୍ତି ଯେ, ଇଶା ଜିବୀତ ଅଛନ୍ତି ଏବଂ ତୁମର ନବି ସ:ଆ:ସ ଜିବୀତ ନାହାଁନ୍ତି ଏବଂ ହଜ୍‌ରତ୍ ଇଶାଙ୍କୁ ଖୋଦାଙ୍କ ପୁତ୍ରର ମାନ୍ୟତା ଦେଉଛନ୍ତି । କାହିଁକିନା ସେ (ଇଶା) ହଜାର ବର୍ଷ ହେବ ଜିବୀତ ରହିଆସୁଛନ୍ତି । ନା' ତ ଯୁଗର କୌଣସି ପ୍ରଭାବ ତାଙ୍କ ଉପରେ ହେଲା । ଅନ୍ୟ ପକ୍ଷରେ ମୁସଲ୍‌ମାନମାନେ ଏକଥାକୁ ମାନିନେଇଛନ୍ତି ଯେ, ହୋଇପାରେ ମସିହ ଜିବୀତ ଅବସ୍ଥରେ ଆକାଶକୁ ଚାଲିଗଲେ ଏବଂ ଦୁଇହଜାର ବର୍ଷରୁ ବର୍ତମାନ ପର୍ଯ୍ୟନ୍ତ ସେହିପରି ଅବସ୍ଥିତ ଅଛନ୍ତି । ତାଙ୍କ ଅବସ୍ଥାରେ ଓ ଚେହେରାରେ କୌଣସି ପରିବର୍ତନ ହୋଇନାହିଁ ଏବଂ ରସୁଲଲ୍ଲାଃ ସ:ଆ:ସ ଙ୍କର ମୃତ୍ୟୁ ହୋଇଯାଇଛି । ମୁଁ ସତ କହୁଛି ଯେ ମୋ ହୃଦୟ କମ୍ପି ଉଠୁଛି । ଯେତେବେଳେ ମୁଁ ଜଣେ ମୁସଲ୍‌ମାନ ମୌଲବୀଙ୍କ ମୁହଁରୁ ଏହି ଶବ୍ଦ ଶୁଣୁଛି ଯେ, ରସୁଲଲ୍ଲାଃ ସ:ଆ:ସ ମରିଯାଇଛନ୍ତିବୋଲି ଜିବୀତ ନବୀଙ୍କୁ ମୃତ ରସୁଲ ଘୋଷଣା କରାଗଲା । ତା ଠାରୁ ଅଧିକ ଅସମ୍ମାନ ଓ ଅପଯସ ଇସ୍‌ଲାମ୍‌ରେ ଆଉ କ'ଣ ହୋଇପାରେ । କିନ୍ତୁ ଭୁଲ୍ କେବଳ ମୁସଲମାନଙ୍କର, ଯେଉଁମାନେ ପବିତ୍ର କୋରାନ୍‌ର ସମ୍ପୁର୍ଣ୍ଣ ବିରୋଧାଚରଣ ଏବଂ ଗୋଟିଏ ନୁଆ କଥା ସୃଷ୍ଟି କରିଛନ୍ତି । ପବିତ୍ର କୋରାନ୍‌ରେ ମସିହଙ୍କ ମୃତ୍ୟୁ ବିଷୟ ପୁଙ୍ଖାନୁପୁଙ୍ଖ ଭାବରେ ଚର୍ଚ୍ଚା କରାଯାଇଛି । ଅସଲରେ ସେହି ଭୁଲ୍‌କୁ ଠିକ୍ କରିବା ମୋ ପାଇଁ ଥିଲା, କାହିଁକିନା, ଖୋଦାତାଲା ମୋ ନାମ ବିଚାରକ ବୋଲି ରଖିଛନ୍ତି । ବର୍ତମାନ ଏହି ଫଏସଲା ପାଇଁ ଆସିବେ ସେ ହିଁ ଏହି ଭୁଲ୍‌କୁ ବାହାରକରିବେ । ସଂସାର ତାଙ୍କୁ ଆପଣେଇଲା ନାହିଁ । କିନ୍ତୁ ଖୋଦା ତାଙ୍କୁ ଆପଣେଇବେ ଏବଂ ଦୃତଗତିରେ ତାଙ୍କ ସତ୍ୟତା ପ୍ରକାଶ ପାଇବ (ପ୍ରଘଟହେବ) ଏପରି କଥାଗୁଡିକ ସଂସାରକୁ ବହୁତ କ୍ଷତି ପହଂଚାଇଛି (ଯେଉଁ ଲୋକମାନେ ଏପରି ମରୁଛନ୍ତି) । କହିଲେ ''କିନ୍ତୁ ବର୍ତମାନ ସମୟ ଆସି ଯାଇଛି ଯେ, ଏହି ସମସ୍ତ ମିଥ୍ୟା ପଦାକୁ ଆସିଯାଉ, ଖୋଦାତାଲା ଯାହାକୁ ବିଚାରକ ରୂପେ ପ୍ରେରଣ କରିଛନ୍ତି, ତାଙ୍କ ଦ୍ୱାରା ଏକଥାଗୁଡିକ ଲୁଚି ରହିପାରିବ ନାହିଁ ? କୋରାନ୍ ପ୍ରାଞ୍ଜଳ ଭାବରେ ଫଏସଲା କରିଦେଲା ଯେ, ଶେଷ ଖଲିଫା (ଉତରାଧିକାରୀ) ମସିହ୍ ମଉଦ୍ ହେବେ ଏବଂ ସେ ଆସିଯାଇଛନ୍ତି । ବର୍ତମାନ ଯଦି ବି ସେହି ପୁରୁଣାକଥାକୁ ମାନେ ଫଏଜ୍‌ଅୱାଜ୍ ଯୁଗର ହୋଇଥାଏ କେବେ ସେମାନେ କେବଳ ନିଜର କ୍ଷତି କରିବେ ବରଂ ଇସାମକୁ କ୍ଷତି ପହଂଚାଇବା ବାଲା ବୋଲି ଗମ୍ୟହେବ । ବାସ୍ତବରେ ସେହି ଭୁଲ ଓ ଅପବିତ୍ର ପ୍ରଥା ଲକ୍ଷ ଲକ୍ଷ ଲୋକଙ୍କୁ ଅଧର୍ମ କରିଦେଲା । ଏହି ନିୟମ ଇସ୍‌ଲାମ୍‌ର ଦୃତ ଅସମ୍ମାନ କରିଅଛି ଏବଂ ରସୁଲୁଲ୍ଲାଃ ସ:ଆ:ସ ଙ୍କ ଅପମାନ ଯେତେବେଳେ ଏହା ମାନିଲେ ଯେ, ମୃତକମାନଙ୍କ ଜିବୀତ କଲାବାଲା, ଆକାଶ ମାର୍ଗକୁ ଚାଲି ଯାଇଥିବାବାଲା, ଶେଷ ନିଷ୍ପତି କଲାବାଲା, ଇସୁ ମସିହ ହିଁ ଅଟନ୍ତି । ପୁନଶ୍ଚ ଆମର ନବୀ କରିମ୍ ସ:ଆ:ସ ତ ଅଲ୍ଲାଃଙ୍କ କୃତଜ୍ଞତାରୁ କିଛି ଭି ନୁହଁନ୍ତି । ତାକୁ ତ ସମସ୍ତ ସଂସାର ପାଇଁ କୃପାଳୁ ବୋଲି କୁହାଯାଇଛି ଏବଂ ସମସ୍ତମାନବ ସମାଜ ପାଇଁ ରସୁଲ୍ ହୋଇ ଆସିଥିଲେ । ଶେଷନବି ସେହି ହେଉଛନ୍ତି । ସେହିଲୋକମାନେ ଯେଉଁମାନେ କି ନିଜକୁ ମୁସଲ୍ ବୋଲି କହି ଏପରି ଅନ୍ଧବିଶ୍ୱାସ କରୁଛନ୍ତି । ଏହା ମଧ୍ୟ ଧର୍ମ ଅଟେକି, ବର୍ତମାନ ଯେଉଁ ପକ୍ଷିମାନେ ରହିଛନ୍ତି ସେମାନଙ୍କ ମଧ୍ୟରୁ କିଛି ମସିହ ଙ୍କର ଅଟନ୍ତି ଏବଂ କିଛି ଖୋଦାତାଲାଙ୍କର ନଉଜୋବିଲ୍ଲାଃ ମିନ୍ ଜାଲିବ୍ । ଥରେ ମୁଁ ଜଣେ ଦାୟିତ୍ୱବାନ୍ ବ୍ୟକ୍ତିଙ୍କୁ ପ୍ରଶ୍ନ ପଚାରିଲି ଯେ, ଯଦିଓ ବର୍ତମାନ ଦୁଇଟି ପଶୁ ଉପସ୍ଥାପନ କରାଯାଏ ଏବଂ ପଚରାଯାଏ ଯେ, କେଉଁଟି ଖୋଦାଙ୍କର ବୋଲି ଏବଂ ମସିହଙ୍କର କେଉଁଟି ବୋଲି । ସେ ଉତର ଦେଲା ସେଗୁଡିକ ମଶି ଯାଇଛି ।

(ମଲ୍‌ଫୁଜାତ୍ ଖଣ୍ଡ-୩, ପୃଷ୍ଠା-୨୫୧-୨୫୨, ପ୍ରକାଶନ:୧୯୮୫, ପ୍ରକାଶିତ:ଇଗ୍ଲିସ୍ ସ୍ଥାନ)

ବର୍ତମାନ ମୁଁ ହଜ୍‌ରତ୍ ମସିହ୍ ମଉଦ ଆ:ସ ଙ୍କର କେତେକ ନିର୍ଦ୍ଦେଶାବଳୀ ଓ ଘଟଣାବଳୀ ଉପସ୍ଥାପନ କରୁଛି, ଯେଉଁଥିରେ ଆପଣଙ୍କର ମହିମାଗୁଡିକର କେତୋଟି ଦୃଷ୍ଟିକୋଣକୁ ଉଜାଗର କହିଛନ୍ତି ଏବଂ ଜଣାପଡ଼େ ଯେ, ଆପଣ ଆପଣଙ୍କ ମୁରବି ହାକିମ ହଜ୍‌ରତ୍ ମହମ୍ମଦ୍ ରସୁଲୁଲ୍ଲାଃ ସ:ଆ:ସ ଙ୍କ ଉଚ୍ଚ ସ୍ଥାନକୁ କେବଳ ଶିକ୍ଷା ଭିତିକ ଓ ଜ୍ଞାନଭିତିକ ଦୃଷ୍ଟିରୁ ପ୍ରମାଣ କରିବା ବାଲକ ନଥିଲେ ବରଂ ଇସ୍‌ଲାମୀୟ ଶିକ୍ଷାର କାର୍ଯ୍ୟକାରିତାର ପ୍ରକାଶ ମଧ୍ୟ ଆପଣଙ୍କ ଶିକ୍ଷା ଓ କାର୍ଯ୍ୟରୁ ହୋଇଥିଲା ।

ଥରେ ଅବ୍ଦୁଲ୍ ହକ୍ ନାମକ ଜଣେ ଯୁବକ କଲେଜର ଛାତ୍ରଥିଲେ ଯିଏକି ପୂର୍ବରୁ ମୁସଲ୍‌ମାନଥିଲେ, ପରେ ସେ ଇଶାଇ ହୋଇଗଲେ । ଯେପରି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଚର୍ଚ୍ଚା କରିଛନ୍ତି । ସେହି କଥକୁ ବହୁତ ଲୋକ ଇସ୍‌ଲାମ୍ ତ୍ୟାଗ କରି ଇଶାଇ ହୋଇଗଲେ । ଏହି ବ୍ୟକ୍ତି ସେମାନଙ୍କ ମଧ୍ୟରୁ ଜଣେ ଥିଲେ ଯିଏ କି ଇଶାଇ ହୋଇଯାଇଥିଲେ । ବାସ୍ତବତାକୁ ଖୋଜି ବାହାର କରିବା ପାଇଁ କିମ୍ବା ସେହିପରି ଶିକ୍ଷାଭିତିକ ଅନୁସନ୍ଧାନ କରିବା ପାଇଁ କାଦିୟାନ୍ ଆସିଲେ ଏବଂ ପବିତ୍ର ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କ ପାଖରେ କିଛି ସମୟ ରହିଲେ । ଭେଟ କରିବା ସମୟରେ ଆପଣ ଆ:ସ ସେମାନଙ୍କୁ ଧର୍ମ ସମ୍ବନ୍ଧୀୟ ବିଭିନ୍ନ ବିଷୟ ସେମାନଙ୍କୁ ବୁଝାଉଥିଲେ । ଦିନେ ସେମାନେ କହିଲେ ଯେ, ଜଣେ ଇସାଇ ସମ୍ମୁଖରେ ଯେତେବେଳେ ଆପଣଙ୍କ ନାମ ଉଚ୍ଚାରଣ କରାଗଲା ସେତେବେଳେ ସେ ଆପଣଙ୍କୁ ଗାଳିଦେଲା, ସେହି ଯୁବକ ଜଣକ କହିଲା ମୋତେ ଏହା ବହୁତ ଖରାପ ଲାଗିଲା । ସେ କଥା ଶୁଣି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଯେଉଁ ଉତର ଦେଲେ ସେ କିପରି ଭାବରେ ଆପଣଙ୍କର ଉଚ୍ଚକୋଟୀର ଚରିତ୍ରର ପ୍ରକାଶ ହେଲା । ଆପଣ କହିଲେ ''ଗାଳି ଦେଉଛନ୍ତି ସେଥିପାଇଁ ମୋର କୌଣସି ଖାତିର ନାହିଁ'' ଗାଳିର ବହୁତ ଗୁଡାଏ ଚିଠି ମୋ ପାଖକୁ ଆସୁଅଛି, ଯାହାର ଉତର ମଧ୍ୟ ମୋତେ ଦେବାକୁ ପଡ଼ିଥାଏ । ଚିଠି ଖୋଲିଲାବେଳକୁ ଗାଳି ହିଁ ମିଳିଥାଏ । ଘୋଷଣାପତ୍ରରେ ମଧ୍ୟ ଗାଳି ହିଁ ଦିଆଯାଇଥାଏ । (ଆଜିକାଲି ପାକିସ୍ତାନ୍‌ରେ ମଧ୍ୟ ଏହିପରି ଅବସ୍ଥା (ବଡ ବଡ ଘୋଷଣାପତ୍ରମାନ ଲେଖାଯାଉଛି) । ବର୍ତମାନ ତ ଖୋଲା ଲଫାଫାରେ ଗାଳି ଲେଖି ପଠାଉଛନ୍ତି, କିନ୍ତୁ ସେ କଥାରୁ କଣ ହେଉଛି ? ଖୋଦାଙ୍କ ଜ୍ୟୋତି କଣ କେବେ ଲିଭିଯିବ ? ସର୍ବଦା ନବିମାନଙ୍କ, ପୁଣ୍ୟବନ୍ତମାନଙ୍କ ସହିତ କୃତଘ୍ନମାନେ ଏପରି ବ୍ୟବହାର କରିଛନ୍ତି । ଆମେ ଯାହାଙ୍କ ପାଦ ଚିହ୍ନକୁ ଅନୁସରଣ କରି ଆସିଅଛୁ । ମସିହ୍ ନାଶରା ତାଙ୍କ ସହିତ କଣ ହେଲା ? କାହିଁକିନା ଏମାନେ ଇଷାଇ ହୋଇଯାଇଥିଲେ, ସେଥିପାଇଁ ମସିହ୍‌ଙ୍କ ଉଦାହରଣ ଉପସ୍ଥାପନ କଲି କି ତାଙ୍କ ସହିତ ମଧ୍ୟ ଏପରି ହୋଇଥିଲା । ଗାଳି ଦିଆଯାଉଥିଲା, ଅତ୍ୟାଚାର ହେଉଥିଲା, ଶୁଳିରେ ମଧ୍ୟ ଚଢ଼ାଇ ଦିଆଗଲା ।

ପୁଣି କହିଲେ – ଆମ ନବି କରିମ୍ ସ:ଆ:ସ ଙ୍କ ସହିତ କ'ଣ ହୋଇଥିଲା ? ବର୍ତମାନ ପର୍ଯ୍ୟନ୍ତ ଅପବିତ୍ର ଲୋକମାନେ ଗାଳିଦେଉଛନ୍ତି । ମୁଁ ତ ମମସ୍ତ ମାନବ ସମାଜର ଶୁଭ ଚିନ୍ତକ ଅଟେ । ମୋତେ ଶତ୍ରୁ ଭାବୁଛି : ସେ ନିଜେ ତା ଜିବନର ଶତ୍ରୁ ।

(ମଲ୍‌ଫୁଜାତ୍ ଖଣ୍ଡ-୩, ପୃଷ୍ଠା-୨୫୧-୨୫୨, ପ୍ରକାଶନ:୧୯୮୫, ପ୍ରକାଶିତ:ଇଗ୍ଲିସ୍ ସ୍ଥାନ)

ଯେପରିକି ମୁଁ କହିଲି ଯେ, ସେହି ଅବୁଲ୍ ହକ୍ ନାମକ ବ୍ୟକ୍ତି କିଛି ଦିନ ସେଠାରେ ରହିଲେ ଏବଂ ଆପଣଙ୍କ ସହିତ ବାର୍ତାଳାପ (କଥାବାର୍ତା) ଚାଲୁଥିଲା । ଆପଣ ତାଙ୍କର ବିଭିନ୍ନ ପ୍ରଶ୍ନର ଉତର ମଧ୍ୟ ଦେଉଥିଲେ । ଦିନେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ତାଙ୍କୁ କହିଲେ ''ମୁଁ ଆପଣଙ୍କୁ ବାରମ୍ବାର ଏଇଆ କହୁଛି ଯେ, ଯେତେବେଳ ପର୍ଯ୍ୟନ୍ତ କୌଣସି କଥା ଆପଣ

ବୁଝିପାରିନାହାଁନ୍ତି, ଆପଣ ତାକୁ ବାରମ୍ବାର ପଚାରନ୍ତୁ, ନହେଲେ ଏହା ଭଲ ତରିକା ନୁହେଁ। ଗୋଟିଏ କଥାକୁ ଆପଣ ବୁଝି ନ ପାରି କହିବା ଯେ, ହଁ ବୁଝିପାରିଲି ତାର ପରିଣତି ଖରାପ ହୋଇଥାଏ'' । ତେବେ ଏହା ଆପଣଙ୍କ ଦମ୍ଭ ଥିଲା । ବାରମ୍ବାର ଆପଣ କହୁଥିଲେ ପଚାର, ଆପଣ ଆ:ସ ଙ୍କୁ ଏକ ପିଡ଼ା ଥିଲା ଯେ ଲୋକମାନଙ୍କ ପାଇଁ ବାସ୍ତବତା ପ୍ରକାଶ ଲାଭ ଏବଂ ସେମାନେ ତାହା ଗ୍ରହଣ କରନ୍ତୁ । ସେହି ଯୁବକ ଜଣକ ଥିଲେ ସିରାଜୁଦ୍ଦିନ୍ ଇସାଇମାନଙ୍କୁ ମଧ୍ୟ ଜାଣିଥିଲେ, ଯିଏକି ଇସାଇମାନଙ୍କୁ ମଧ୍ୟ ଜାଣନ୍ତି, ଯିଏକି ହଜ୍‌ରତ୍ ମସିହ୍ ମଉଦ୍ ଙ୍କୁ ପ୍ରଶ୍ନ କରିଥିଲେ । ପୁନଶ୍ଚ ଆପଣ ସେଗୁଡିକର ଉତର ମଧ୍ୟ ଦେଲେ, ଯାହାକୁ ଛପାଯାଇଥିଲା । ତେବେ ତାଙ୍କର ଚର୍ଚ୍ଚାକରି ପବିତ୍ର ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଲେ ଯେ, ସିରାଜୁଦ୍ଦିନ ଯିଏ ଏଠାକୁ ଆସିଥିଲା ସେ ଏପରି ହିଁ କଲା ଏବଂ କିଛି ଲାଭ ପାଇଲା ନାହିଁ । ''ଅର୍ଥାତ୍ ପ୍ରଶ୍ନ କରୁଥିଲା ଏବଂ ନିରବ ରହୁଥିଲା ଆଉ ଅଧିକ ପ୍ରଶ୍ନ କରୁନଥିଲା । ଏଠାକୁ ଆସି ମଧ୍ୟ ସେ କୌଣସି ଲାଭ ପାଇନଥିଲା । ପ୍ରତି କଥାରେ ହଁ, ହଁ ବୋଲି କହୁଥିଲା ଏବଂ ହୃଦୟରେ ଯଦିଓ ସନ୍ଦେହ ଓ ଦ୍ୱନ୍ଦ ସୃଷ୍ଟି ହେଉଥିଲା ତେବେ ସ୍ୱଚ୍ଛମନରେ ତାହା ଦୂର କରିବା ପାଇଁ ଚେଷ୍ଟା କରିନଥିଲା । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କୁ ଅଧିକ ପ୍ରଶ୍ନ ପଚାରିନଥିଲା । ଯାହା ଲିଖିତ ନେଇ ଆସିଥିଲା ତାହା ହିଁ ପଚାରୁଥିଲା । ଆପଣ ଯାହା କହୁଥିଲେ, ସେଥିରେ ହଁ ହଁ ବୋଲି କହୁଥିଲା । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ସେହି ଯୁବକକୁ କହିଲେ କି, ସେ ଅର୍ଥାତ୍ ସିରାଜୁଦ୍ଦିନ୍ ତୁମକୁ କିଛି କହୁଥିଲା କି ? ତାଙ୍କୁ ଆପଣ ଜାଣନ୍ତି କି ? ଅବ୍‌ଦୁଲ୍ ହକ୍ ନାମକ ବ୍ୟକ୍ତି ଜଣକ ଉତର ଦେଲେ ଯେ, ହଁ ସେ ମତେ ମନା କରିଥିଲେ କି, ସେଠାକୁ ଯାଅନାହିଁ, କିଛି ଆବଶ୍ୟକ ନାହିଁ । ଯେତେବେଳେ ଆମେ ଗୋଟିଏ ସତ୍ୟକୁ ପାଇଲୁ (ସେ ମଧ୍ୟ ମୁସଲ୍‌ମାନରୁ ଇସାଇ ହୋଇଯାଇଥିଲା) କହିଲା ଯେତେବେଳେ ସତ୍ୟତା ଅର୍ଥାତ୍ ଇସାଇ ସମ୍ବନ୍ଧରେ ଆମେ ପାଇପାରିଛୁ ପୁଣି କ'ଣ ଆବଶ୍ୟକ ଯେ ଆଉ କିଛି ଖୋଜି ବୁଲିବୁ ? ଏକଥା ମଧ୍ୟ ସେ କହିଲେ କି, ଯେତେବେଳେ ମୁଁ ଆସିଥିଲି ମୋତେ ଛାଡ଼ିବା ପାଇଁ ସେ ତିନି ମାଇଲ୍ ଆସିଥିଲେ ଓ ଝାଳନାଳ ହୋଇଯାଇଥିଲେ । ସେହି ଇସାଇଙ୍କୁ ବିଦାୟ ଦେବା ପାଇଁ ହଜ୍‌ରତ୍ ମସିହ୍ ମଉଦ ଆ:ସ ଯାଇଥିଲେ ତାହା ହିଁ ଅତିଥି ସତ୍କାର କରିବାର ଓ ଉଚ୍ଚ ବୁଦ୍ଧିମତାର ଏକ ପରିଚୟ ଥିଲା) । ବଦର୍‌ର ସମ୍ପାଦକ ଏଥିରେ ଯେଉଁ ସାରାଂଶ ଲେଖିଛନ୍ତି ତାହା ଏପରି ଅଟେ । ବୁଦ୍ଧିମାନ ସ୍ୱଭାବର ଲୋକ ହଜ୍‌ରତ୍ ମସିହ୍ ମଉଦ ଆ:ସ ଙ୍କ ନରମ ସ୍ୱଭାବ ଓ ଦୟାଶୀଳ ଭାବ ବିଷୟରେ ଅନୁଧ୍ୟାନ କରନ୍ତୁ ଏବଂ ସେହି ଉନ୍ମାଦନାକୁ ଆକଳନ କରନ୍ତୁ ଯାହା ତାର ସ୍ୱଭାବରେ କୌଣସି ଆତ୍ମାକୁ ବଂଚାଇବା ପାଇଁ ଉଦ୍ଦିଷ୍ଟ ଅଟେ । ତିନିମାଇଲ୍ ବାଟ ଯିବା କମ୍ ଦୟାଳୁ ମନଭାବ ନଥିଲା ( ହଜ୍‌ରତ୍ ମସହ୍ ମଉଦ୍ ଆ:ସ ସେହି ଇସାଇ ପାଇଁ ତିନି ମାଇଲ୍ ଗଲେ, ଯାହା ଦୟାଶୀଳଭାବର ପରିଚୟ ଥିଲା, ଏଥିପାଇଁ ଯେ ତାହା ବଂଚିରହୁ । ଲେଖୁଛନ୍ତି, ନଚେତ୍ ମିୟା ସିରାଜୁଦ୍ଦିନ୍ ସହିତ କ'ଣ ବାରଣ ଥିଲା । ଯଦିଓ ନରମ ସ୍ୱଭାବ ଥାଏ ତେବେ ଉନ୍ମାଦନା, ଦୟାଶୀଳଭାବ ହିଁ ସତ୍ୟତାର ପରିପ୍ରକାଶ କରାଇଥାଏ । ଆମପାଇଁ ଏପରି ସତ୍ୟତାର ସହିତ ସମ୍ପର୍କ ରଖୁଥିବା ବ୍ୟକ୍ତିଙ୍କ ଉପରେ ଅଲ୍ଲାଃଙ୍କର ଶାନ୍ତି ବର୍ଷଣ ହେଉ । ''ସଲାମତ୍ ବର୍ ଅଏ ମର୍ଦ ସଲାମତ୍'' ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କ ଠାରୁ ଝାଳ ବାହାରିବା ଦେଖି ସେ ଏହା ଭାବିନେଲେ ଯେ ବୋଧହୁଏ ଉତର ଆସିବ ନାହିଁ । ପଶ୍ଚାତାପ୍ ଏହା ଯେ ସେ ଯଦି ତାଙ୍କୁ ପଚାରିଥାନ୍ତେ କି ସେ ଏଠାରେ ରହି ନମାଜ କାହିଁକି ପଢୁଥିଲେ ! ସେ କ'ଣ କହିନଥିଲେ ଯେ ମୋର ହୃଦ୍‌ବୋଧ ହୋଇଗଲା ବୋଲି । ସେ ମୋ ସାମ୍ନାରେ ଯଦି ଥାଆନ୍ତା ତାକୁ ରାଣ ଦେଇ ପଚାରିଥାନ୍ତି । ସାମ୍ନାରେ ଥିଲେ କିଛି ଲାଜ ତ ଲାଗିଥାନ୍ତା । ସେ ଯାହା ହେଉନା କାହିଁ ଅବ୍‌ଦୁଲ୍ ହକ୍ ସାହେବ କହିଲେ ମୁଁ ନମାଜ ବିଷୟରେ ପଚାରିଥିଲି । ସେ କହିଲେ ଯେ ମୁଁ ପଢୁଥିଲି, ଶେଷରେ ମୁଁ କହିଦେଇଥିଲି କି ମୁଁ କୌଣସି ଅଣ୍ଡା ସ୍ଥାନକୁ ଯାଇ ନିଷ୍ପତି କରିବି । (ଏହା ସିରାଜୁଦ୍ଦିନ୍ ସାହେବ ଉତରରେ କହିଥିଲେ) ସିରାଜୁଦ୍ଦିନ୍ ମହାଶୟ ଏକଥା ମଧ୍ୟ କହିଥିଲେ ଯେ ମିର୍‌ଜା ସାହେବ ସୁନାମକୁ ପସନ୍ଦ କରିବା ଲୋକ ଅଟନ୍ତି । ମୁଁ ଚାରିଗୋଟି ପ୍ରଶ୍ନ ପଚାରିଥିଲି, ତାର ଉତର ମଧ୍ୟ ଛପାଇଦେଇଥିଲି । ହଜ୍‌ରତ୍ ମସିହ ମଉଦ୍ ଆ:ସ କହିଲେ ଏଥିରେ ତ ସୁନାମ ଅର୍ଜନର କୌଣସି କଥା ନାହିଁ, ଆମେ କାହିଁକି ନ୍ୟାୟକୁ ଲୁଚେଇ ରଖିବୁ, ଯଦି ଲୁଚାଇଥାନ୍ତୁ ତେବେ ପାପୀବୋଲି ବିବେଚିତ ହୋଇଥାନ୍ତୁ । ଏହା ଏକ ପାପ ହୋଇଥାନ୍ତା । ଯେତେବେଳେ ଅଲ୍ଲାଃ ମୋତେ ମୃତୟନ କରି ପ୍ରେରଣ କରିଛନ୍ତି ମୁଁ ନିଶ୍ଚିତ ନ୍ୟାୟକୁ ପ୍ରକାଶ କରିବି ଏବଂ ଯେଉଁକାର୍ଯ୍ୟ ମୋ ଉପରେ ନ୍ୟସ୍ତ କରାଯାଇଛି ମୁଁ ତାହା ସଂସାରବାସୀଙ୍କୁ ପହଂଚାଇବି, ଏଥିପାଇଁ ମୋର ତିଳେମାତ୍ର ଚିନ୍ତା ନାହିଁ । ଲୋକେ ଏହାକୁ ସୁନାମ କୁହନ୍ତୁ ବା ଆଉ କିଛି ।

ଆପଣ ତାଙ୍କୁ ପୁଣି ଚିଠି ଲେଖନ୍ତୁ ଯେ ସେ ସେଠାରେ ଆଉକିଛି ଦିନ ରହିଯାଆନ୍ତୁ । ଯେଉଁକାର୍ଯ୍ୟ ସହିତ ଏବଂ ଯେଉଁ କାର୍ଯ୍ୟ ପାଇଁ ଅଲ୍ଲାଃ ଆପଣଙ୍କୁ ପ୍ରେରଣ କରିଥିଲେ ତାହା କେବଳ ଗୋଟିଏ ନିର୍ଦ୍ଦିଷ୍ଟ ବ୍ୟକ୍ତିପାଇଁ ସିମୀତ ନଥିଲା, ବରଂ ସେଥିରୁ ଅନ୍ୟ ଲୋକଙ୍କୁ ମଧ୍ୟ ଲାଭ ମିଳିପାରିବ । ଯଦ୍ୱାରା ଇସ୍‌ଲାମ୍‌ର ବାସ୍ତବତା ପ୍ରକାଶ ପାଇବ, ଅନ୍ୟମାନଙ୍କ ପାଇଁ ମଧ୍ୟ ଏହି ଉତର ଛପାଇଲେ । କୌଣସି ନାଁ ପାଇଁ ବା ଦେଖାଇବା ପାଇଁ ଏହା କରିନଥିଲେ । ଆପଣଙ୍କର ପ୍ରତ୍ୟେକ କାମ ଇସ୍‌ଲାମ୍ ଓ ଆଁ ହଜ୍‌ରତ୍ ସ:ଆ:ସ ଙ୍କ ସମ୍ମାନ ଓ ଉଚ୍ଚସ୍ଥାନ ପ୍ରତିଷ୍ଠା ନିମନ୍ତେ ଥିଲା ।

ବହୁତ ଗୁଡିଏ ବିଷୟ ସେହି ଯୁବକ ଅବ୍‌ଦୁଲ୍ ହକ୍‌ଙ୍କ ଜରିଆରେ ଭ୍ରମଣ ସମୟରେ ସ୍ପଷ୍ଟ ହୋଇଥିଲା । ଦିନେ ଏହି କଥାଗୁଡିକ କହୁକହୁ ଯେତେବେଳେ ସିରାଜୁଦ୍ଦିନ୍ ବିଷୟରେ ଏ ପ୍ରଶ୍ନ ହେଉଥିଲା ଆପଣଙ୍କ ଘର ପାଖରେ ପହଂଚି ଯାଇଥିଲେ । ସେହି ସମୟରେ ହଜ୍‌ରତ୍ ମସିହ୍ ମଉଦ ଆ:ସ ଅବ୍‌ଦୁଲ୍ ହକ୍ ସାହେବଙ୍କୁ କହିଲେ ଯେ ଆପଣ ଆମର ଅତିଥି ଅଟନ୍ତି ଏବଂ ଅତିଥି ସେହି ସମୟରେ ଆରାମ ପାଇଥାଏ ଯଦି ସେ କୌଣସି ଦ୍ୱିଧା ରଖିନଥାଏ । ଆପଣଙ୍କୁ ଯଦି କୌଣସି ଜିନିଷର ଆବଶ୍ୟକତା ପଡ଼େ ବିନା ଦ୍ୱିଧାରେ ମୋତେ କହିଦିଅ, ପୁଣି ଯମାତ୍‌ର ଲୋକଙ୍କୁ ଚାହିଁ କହିଲେ ଯେ ଦେଖ ଇଏ ଆମର ଅତିଥି ଅଟନ୍ତି, ତୁମମାନଙ୍କ ମଧ୍ୟରୁ ପ୍ରତ୍ୟେକ ତାଙ୍କର ସତ୍କାର କରନ୍ତୁ, ନରମ ବ୍ୟବହାର କରନ୍ତୁ ଏବଂ ଚେଷ୍ଟା କରିଥାନ୍ତୁ, ଯେପରି ତାଙ୍କୁ କୌଣସି ପ୍ରକାର କଷ୍ଟ ନହୁଏ, ଏକଥା କହି ଆପଣ ନିଜ ଘରକୁ ଚାଲିଗଲେ । (ମଲ୍‌ଫୁଜାତ୍ ଖଣ୍ଡ-୩, ପୃଷ୍ଠା-୧୧୦-୧୧୩, ପ୍ରକାଶନ-୧୯୮୫, ପ୍ରକାଶିତ-ଇଂଗ୍ଲିସ୍ ସ୍ଥାନ)

ବ୍ୟକ୍ତିଗତରୂପେ ଅତିଥି ସତ୍କାର କରିବା ପାଇଁ ଆପଣ ବହୁତ ଧ୍ୟାନ ଦେଉଥିଲେ । ଯଦି କେହି ସତ୍ୟ ଅନ୍ୱେଶଣରେ ଆସେ ସର୍ବପ୍ରଥମେ ତାଙ୍କୁ ଠିକ୍ ଭାବରେ ସନ୍ଦେଶ ମିଳୁ ଏବଂ ଦ୍ୱିତୀୟତଃ ବାସ୍ତବ ଆରାମ ମଧ୍ୟ ତାଙ୍କ ପାଇଁ ଉପଲବ୍ଧ ହେଉ ।

ଗୋଟିଏ ଘଟଣା ଜଣେ ରୋଗୀଙ୍କୁ ଦେଖିବା ପାଇଁ ଯିବାର ବର୍ଣ୍ଣନା କରୁଅଛି, କିନ୍ତୁ ଏଥିରେ ମଧ୍ୟ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଦୁଆ ବିଷୟରେ କହିଲେ ପୀର ଏବଂ ଫକୀରଙ୍କ ପରି ଏହା କହିଲେ ନାହିଁ ଯେ ମୁଁ ଦୁଆ କରିବା ଏବଂ ମୋ ଦୁଆ ନିଶ୍ଚୟ ଗ୍ରହଣ ହେବ । ପରନ୍ତୁ ଅଲ୍ଲାଃଙ୍କ ଏକଶ୍ୱରବାଦ ଓ ଦୁଆର ନିଦର୍ଶନ ଓ ନିଜ ପରିସ୍ଥିତିକୁ ଅଲ୍ଲାଃଙ୍କ ଇଚ୍ଛାନୁସାରେ ପରିଚାଳିତ ହେବାପାଇଁ ନିର୍ଦ୍ଦେଶ ଦେଲେ । ଘଟଣାଟି ଏପରି ଲେଖକ ଲେଖୁଛନ୍ତି ଯେ, ଜଣେ କୁରେଶୀ ସାହେବ କିଛିଦିନ ହେବ ଅସୁସ୍ଥ ହୋଇ ଦାରୁଲ୍ ଅମାନ୍ କାଦୀୟାନ୍ ହଜ୍‌ରତ୍ ହକିମୁଲ୍ ଉମତ୍‌ଙ୍କ ନିକଟକୁ ଚିକିତ୍ସା ନିମନ୍ତେ ଆସିଛନ୍ତି । ସେ ଅନେକ ଥର ହଜ୍‌ରତ୍ ମଉଦ୍ ଆ:ସ ଙ୍କ ପାଖରେ ଦୁଆ କରିବା ପାଇଁ ପ୍ରାର୍ଥନା କରିଛନ୍ତି । ଆପଣ କହିଲେ 'ଆମେ ଦୁଆ କରିବୁ' । ଦିନେ ସନ୍ଧ୍ୟାବେଳେ ସେହି ବ୍ୟକ୍ତି ହଜ୍‌ରତ୍ ହକିମ୍‌ଙ୍କ ଜରିଆରେ ନିବେଦନ କଲେ ଯେ ମୁଁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କ ଦର୍ଶନ କରିବା ପାଇଁ ଚାହୁଁଛି, କିନ୍ତୁ ପାଦ ଫୁଲି ଯାଇଥିବାରୁ ଯାଇପାରୁନାହିଁ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନିଜେ ୧୧ ଅଗଷ୍ଟ ୧୯୦୨ ରେ ତାଙ୍କ ଘରକୁ ଯାଇ ଦେଖା ହେବାର ପ୍ରତିଶ୍ରୃତି ଦେଲେ । ସୁତରାଂ ପ୍ରତିଶ୍ରୃତିର ରକ୍ଷା ପାଇଁ ଆପଣ ଭ୍ରମଣ ସମୟରେ ବାହାରିବା ବେଳେ ସେବାକାରୀଙ୍କ ସହିତ ସେହି ଘରେ ପହଂଚିଲେ, ଯେଉଁ ଘରେ ସେ ଥିଲେ । କିଛି ସମୟ ପର୍ଯ୍ୟନ୍ତ ରୋଗୀର ରୋଗ ସମ୍ବନ୍ଧରେ ପଚାରିବୁଝିଲେ । ତା ପରେ ତବ୍‌ଲିଗ୍ କଲେ (ତବ୍‌ଲିଗ୍‌ର କୌଣସି ସୁଯୋଗ ଆପଣ ହାତଛଡ଼ା କରୁନଥିଲେ ଏବଂ ଇସ୍‌ଲାମ୍‌ର ପ୍ରକୃତ ଶିକ୍ଷାକୁ ଜଣାଇବା ପାଇଁ ଚେଷ୍ଟା କରୁଥିଲେ) କହିଲେ ମୁଁ ଦୁଆ କରିଛି (ତୁମର ଖବର ପହଂଚିଥିଲା, ମୁଁ ଦୁଆ କରିଛି) କିନ୍ତୁ ଅସଲ କଥା ହେଲା କେବଳ ଦୁଆ କିଛି କରିପାରିବ ନାହିଁ, ଯେପର୍ଯ୍ୟନ୍ତ ଅଲ୍ଲାଃଙ୍କ ଇଚ୍ଛା ଓ ଆଦେଶ ନହେବ । ଦରକାରୀ ଲୋକେ କେତେ କଷ୍ଟ ଉଠାଉଛନ୍ତି, କିନ୍ତୁ ହାକିମଙ୍କ ଦ୍ୱାରା କୁହାଯାଉଥିବା ଅଳ୍ପକିଛି ଆଶ୍ୱାସନା ତାଙ୍କୁ ଲାଘବ କରିଥାଏ । ସେହିପରି ଅଲ୍ଲାଃତାଲାଙ୍କ ଇଚ୍ଛା ଓ ଆଦେଶ ଦ୍ୱାରା ସବୁକିଛି ହୋଇଥାଏ । ମୁଁ ଦୁଆ ଗ୍ରହଣ ହେବାର ସେହି ସମୟରୁ ସ୍ପଷ୍ଟ ହୋଇଯାଏ ଯେବେ ଅଲ୍ଲାଃତାଲାଙ୍କ ନିକଟରୁ କୌଣସି ନିର୍ଦ୍ଦେଶ ହୋଇଥାଏ, କାରଣ ସେ 'ଉଦ୍‌ଉଉନୀ'ତ କହିଛି କିନ୍ତୁ ତତ୍ ସଙ୍ଗେ 'ଅସ୍‌ତଜୀବ୍ ଲକୁମ୍' ମଧ୍ୟ କହିଛି । (ଅର୍ଥାତ୍ ଯେତେବେଳେ ଅଲ୍ଲାଃତାଲା କହିଥାନ୍ତି ମୁଁ ତୁମର ଶୁଣିବି ବୋଲି, ତତ୍‌ସଙ୍ଗେ ଏହା ମଧ୍ୟ ସର୍ତ ରଖିଛି ଯେ, ସେଥିପାଇଁ ଅଲ୍ଲାଃତାଲାଙ୍କର କଥାକୁ ମାନିବାର ହେବ ଏବଂ ତା'ର ଉପାସନା କରିବାକୁ ପଡ଼ିବ) । ଆପଣ କହିଲେ ଯେ ଏହା ନିଶ୍ଚିତ ଅଟେ କି, ଭକ୍ତ ନିଜ ଅବସ୍ଥାରେ ପରିବର୍ତନ ଆଣୁ ଏବଂ ତତ୍‌ସହିତ ଅଲ୍ଲାଃଙ୍କ ସଙ୍ଗେ ବୁଝାମଣା କରିନେଉ ଏବଂ ଏକଥାର ମଧ୍ୟ ଅନୁସନ୍ଧାନ କରୁ ଯେ, ସେ ସଂସାରକୁ କେଉଁ ଉଦ୍ଦେଶ୍ୟରେ ଆସିଛି, ସେ ଉଦ୍ଦେଶ୍ୟକୁ କେତେଦୁରୁ ଚେଷ୍ଟା କରୁଛି, ଯେତେବେଳଯାଏଁ ମନୁଷ୍ୟ ଅଲ୍ଲାଃତାଲାଙ୍କୁ ଅତ୍ୟଧିକ ଅସନ୍ତୁଷ୍ଟ ନକରିଛି, ସେପର୍ଯ୍ୟନ୍ତ ସେ କୌଣସି କଷ୍ଟରେ ପିଡ଼ିତ ହୁଏ ନାହିଁ । ଯେତେବେଳେ ମନୁଷ୍ୟ ପରିବର୍ତନ ହୋଇଯାଏ ସେତେବେଳେ ଅଲ୍ଲାଃ ମନୁଷ୍ୟ ପ୍ରତି କୃପାଳୁ ହୋଇଥାନ୍ତି । ସେତେବେଳ ଯାଏଁ ଡାକ୍ତରଙ୍କୁ ରୋଗୀର ଠିକ୍‌ରୂପେ ରୋଗ ନିରୂପଣ କରିବା ପାଇଁ ଶକ୍ତି ପ୍ରଦାନ କରିଥାନ୍ତି । ପୁଣି କହିଲେ ଯେ, ଅଲ୍ଲାଃଙ୍କ ପାଇଁ କୌଣସି କାର୍ଯ୍ୟ କଷ୍ଟସାଧ୍ୟ ନୁହେଁ । ବରଂ ତାଙ୍କର ତ ବଡିମା ଏହା ଯେ, ''ଇନ୍ନାମା ଅମ୍‌ରୁହୁ ଇଜା ଆରାଦା ଶୈୟନ୍ ଅଇଁ ୟକୁଲାଲହୁ କୁନ୍ ଫୟକୁଲ୍'' (ୟାସିନ୍ : ୮୩) ଅର୍ଥାତ୍ – ତାଙ୍କର ସେହି ଆଦେଶ ହିଁ ଯଥେଷ୍ଟ ଅଟେ, ଯେତେବେଳେ ସେ କୌଣସି ଜିନିଷ ପାଇଁ ଇଚ୍ଛା କରନ୍ତି, ତେବେ ସେ ତାକୁ କହିଦିଅନ୍ତି କି, ହୋଇଯାଅ ତେବେ ସେ ହେବାକୁ ଲାଗେ । କହିଲେ ଥରେ ମୁଁ ଖବରକାଗଜରେ ପଢ଼ିଥିଲି ଯେ ଜଣେ ଡେପୁଟି ଇନିସ୍‌ପେକ୍ଟର୍ ପେନ୍‌ସିଲ୍ ଦ୍ୱାରା ନଖରୁ ମଇଳା ବାହାର କରୁଥିଲା । ଯାହାଦ୍ୱାରା ତାର ହାତ ଫୁଲିଗଲା, ଶେଷରେ ଡାକ୍ତର ହାତ କାଟିବା ପାଇଁ ନିର୍ଦ୍ଦେଶ ଦେଲେ । ସେ କିନ୍ତୁ ଏହାକୁ ସାଧାରଣ ଭାବିଲା, ଫଳତଃ ତାର ମୃତ୍ୟୁ ହେଲା । କହିଲେ ସେହିପରି

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com
website:www.akhbarbadarqadian.in
:www.alislam.org

Title Code: PUNODI00001
The Weekly Qadian **BADAR** ସାପ୍ତାହିକ ବଦର କାଦିଆନ
Distt: Gurdaspur (Pb.) INDIA Qadian - 143516
Vol.1. Thursday 26 May- 2 June - 2016 Issue No.12-13

MANAGER
NAWAB AHMAD
Mobile. : (+91) 94170-20616
Tel : (+91)-1872-224757
e-mail :managerbadrqnd@gmail.com
ANNUAL SUBSCRIPTION:Rs.300/-

ଥରେ ମୁଁ ପେନ୍‌ସିଲ୍‌କୁ ନଖ ଦ୍ୱାରା ମୁନିଆ କଲି । ଦ୍ୱିତୀୟ ଦିନ ଯେତେବେଳେ ମୁଁ ଭ୍ରମଣ ପାଇଁ ଯିବାବେଳେ ସେହି ଡେପୁଟି ଇନିସ୍‌ପେକ୍ଟର୍‌ଙ୍କ କଥା ମନେପଡ଼ିଗଲା । ମୋ ହାତ ମଧ୍ୟ ଫୁଲିଗଲା । ମୁଁ ତତ୍‌କ୍ଷଣାତ୍ ଦୁଆ କଲି । ମୋତେ ସ୍ୱର୍ଗବାଣୀ ହେଲା ପୁନଶ୍ଚ ଦେଖିଲି ହାତ ଠିକ୍ ହୋଇଯାଇଛି, ମୋର କୌଣସି କଷ୍ଟ ନଥିଲା । ପ୍ରକୃତ କଥା ଏଇଆ ଯେ ଅଲ୍ଲାଃତାଲା ଯେତେବେଳେ ଦୟା କରନ୍ତି ସେତେବେଳେ କୌଣସି କଷ୍ଟ ହୁଏ ନାହିଁ । କିନ୍ତୁ ସେଥି ନିମନ୍ତେ ସର୍ତ୍ତର ଆବଶ୍ୟକତା ଏହା ଅଟେ ଯେ ମନୁଷ୍ୟ ନିଜ ଭିତରେ ପରିବର୍ତ୍ତନ ଆଣୁ । ପୁଣି ଯେତେବେଳେ ସେ ଦେଖେ କି ଏହା ଲୋକଙ୍କ ପାଇଁ ଉତମ ଅସ୍ତିତ୍ୱ ଓ ଏହାଦ୍ୱାରା ମନୁଷ୍ୟ ସମାଜକୁ ଲାଭ ପହଂଚିଥାଏ ତାହାଲେ ତା'ର ବୟସକୁ ଲମ୍ବା କରିଦେଇଥାଏ । କହିଲେ ଯେ ଆମ ପୁସ୍ତରେ ଏ ବିଷୟରେ ପ୍ରାଞ୍ଜଳ ଭାବରେ ଲେଖାଯାଇଛି 'ଓ୍ୱ ଅମ୍ମା ମା ୟନ୍‌ଫଉନ୍ ନାସା ଫୟମ୍‌କୁସୁ ଫିଲ୍ ଅର୍‌ଜ' (ଅର୍‌ରାଦ୍ : ୧୮) ଅର୍ଥାତ୍ ଯେଉଁ ଜିନିଷ ଲୋକଙ୍କ ଲାଭ ନିମିତ ହୋଇଥାଏ ତାହା ପୃଥିବୀ ପୃଷ୍ଠରେ ତିଷ୍ଠିରହେ । କହିଲେ ପୂର୍ବ ପୁସ୍ତକ ଗୁଡିକରେ ଏହିପରି କଥା ମଧ୍ୟ ବର୍ଣ୍ଣିତ ଅଛି । ହିଜ୍‌କିଲ୍ ନବୀଙ୍କ ପୁସ୍ତକରେ ମଧ୍ୟ ଏହା ଲେଖାଅଛି । ସେ କହୁଛନ୍ତି 'ମନୁଷ୍ୟ ବହୁତ କିଛି କାର୍ଯ୍ୟ କରିବା ପାଇଁ ଧରାପୃଷ୍ଠକୁ ଆସିଥାଏ, କିନ୍ତୁ ଯେତେବେଳେ ସେ ସେହିକାର୍ଯ୍ୟକୁ ସମ୍ପୁର୍ଣ୍ଣ ରୂପେ କରିପାରେନାହିଁ ତେବେ ଅଲ୍ଲାଃ ତା'ର ସମସ୍ତ କାର୍ଯ୍ୟ ସମ୍ପାଦନ କରିଦେଇଥାନ୍ତି । ଖାଦିମ୍ (ଚାକର) କୁ ଦେଖ ! ଯେତେବେଳେ ସେ ଠିକ୍‌ରୂପେ କାମ କରିପାରେନାହିଁ ସେତେବେଳେ ତା'ର ମାଲିକ ତା'କୁ ଅଲଗା କରିଦିଏ । ପୁଣି ଅଲ୍ଲାଃତାଲା ସେହି ଅସ୍ତିତ୍ୱକୁ କାହିଁକି ରଖିବେ ଯିଏ ନିଜ କର୍ତବ୍ୟ ପାଳନ କରେନାହିଁ ! ପୁଣି କହିଲେ ଆମ ମିର୍‌ଜା ସାହେବ (ଅର୍ଥାତ୍ ମସିହ୍ ମଉଦ୍ ଆ:ସ ଙ୍କ ପିତା ମର୍‌ହୁମ୍) ପଚାଶ ବର୍ଷ ପର୍ଯ୍ୟନ୍ତ ଚିକିତ୍ସା କରୁଥିଲେ । ତାଙ୍କର କହିବା କଥା ହେଲା ଯେ, ତାଙ୍କୁ କୌଣସି ବୈଦ୍ୟର ଔଷଧ ନିର୍ଦ୍ଧାରଣ ବ୍ୟବସ୍ଥା ମିଳିନଥିଲା । ବାସ୍ତବରେ ସତ୍ୟ ଏହା ଅଟେ ଯେ ଅଲ୍ଲାଃଙ୍କ ନିର୍ଦ୍ଦେଶ ବିନା ପ୍ରତ୍ୟେକ ଜିନିଷ ଯାହା ମନୁଷ୍ୟ ଭିତରକୁ ଯାଇଥାଏ, କଦାପି ଲାଭବାନ୍ ହୋଇନଥାଏ । ତୋବା (ପଶ୍ଚାତାପ୍) ଏବଂ ଇସ୍ତଗ୍‌ଫର୍ ବହୁତ କରିବା ଉଚିତ୍ । ଯଦ୍ୱାରା ଅଲ୍ଲାଃ ତା'ର କୃପା ବର୍ଷଣ କରିବେ । ଯେବେ ଅଲ୍ଲାଃଙ୍କ କୃପା ଆସିଯାଏ, ତେବେ ଦୁଆ ମଧ୍ୟ ଗ୍ରହଣ ହୋଇଥାଏ । ଅଲ୍ଲାଃତାଲା ମଧ୍ୟ ଏହା କହିଛନ୍ତି ଯେ ଦୁଆ ଗ୍ରହଣ କରିବି ଏବଂ ବେଳେବେଳେ ଏହା ମଧ୍ୟ କହିଛନ୍ତି ମୋର ଧାର୍ଯ୍ୟ ନିଷ୍ପତିକି ମଧ୍ୟ ମାନିନିଅ । ଏଥିଯୋଗୁଁ ଯେପର୍ଯ୍ୟନ୍ତ ନିର୍ଦ୍ଦେଶ ନ ହେଇଛି ସେ ପର୍ଯ୍ୟନ୍ତ ମୁଁ ଏହା ଗ୍ରହଣୀୟ ବୋଲି ଭାବିନଥାଏ । ଭକ୍ତ ଅତି ଦୁର୍ବଳ ଓ ନିରୁପାୟ ଅଟେ । ତେଣୁ ଅଲ୍ଲାଃଙ୍କ ଦୟା ଉପରେ ଧ୍ୟାନ ରଖିବା ଆବଶ୍ୟକ' ।

ମଲ୍‌ଫୁଜାତ୍ ଖଣ୍ଡ-୩, ପୃଷ୍ଠା-୩୧୭-୩୧୯, ପ୍ରକାଶନ-୧୯୮୫, ପ୍ରକାଶିତ-ଇଂଗ୍ଲିସ୍ ସ୍ଥାନ)

ପୁଣି ଆପଣ ଅଲ୍ଲାଃଙ୍କ ଅଧିକାର ଏବଂ ଲୋକଙ୍କ ଅଧିକାର ଆଡକୁ ବାସ୍ତବ ଇସ୍‌ଲାମୀୟ ଶିକ୍ଷା ଅନୁଯାୟୀ ମାର୍ଗ ଦର୍ଶନ କରିଛନ୍ତି ଏବଂ ନିଜର ନମୁନା ଏପରି ପ୍ରତିଷ୍ଠା କରିଛନ୍ତି ଯେପରି ଆପଣ ଆପଣଙ୍କ ଆକା ହଜ୍‌ରତ୍ ମହମ୍ମଦ୍ ରସୁଲୁଲ୍ଲାଃ ସ୍ୱ:ଅ:ସ ଙ୍କୁ ଦେଖିଛନ୍ତି ଓ ଆପଣଙ୍କଠୁ ଶିଖିଛନ୍ତି । ଆପଣ ପୁଣି କହୁଛନ୍ତି 'ଅଲ୍ଲାଃତାଲାଙ୍କର ହକ୍ ମଧ୍ୟରୁ ସବୁଠାରୁ ବଡ଼ ହକ୍ ଏହା ଅଟେ ଯେ ତା'ର ଉପାସନା କରାଯାଉ ଏବଂ ଏହି ଉପାସନାରେ କୌଣସି ସ୍ୱାର୍ଥ ନରହୁ । ଅଧିକନ୍ତୁ ଯଦି ସ୍ୱର୍ଗ ଓ ନର୍କ ନଥିଲେ ମଧ୍ୟ ତା'ର ଉପାସନା କରାଯାଉ । ଏବଂ ବ୍ୟକ୍ତିଗତ ସ୍ନେହ ଯାହା ସୃଷ୍ଟିକୁ ନିଜ ସ୍ରଷ୍ଟାଙ୍କ ସହିତ ରହିବା କଥା ସେଥିରେ କୌଣସି ଫରକ୍ ନ ପଡୁ' । ଏହି ଆପତି ଆଜିକାଲି ଧର୍ମର ଶତ୍ରୁମାନେ କରୁଛନ୍ତି ଯେ ଲୋଭଯୋଗୁଁ ତୁମେ ଉପାସନା କରୁଅଛ । କିନ୍ତୁ ଆପଣ କହିଲେ ଅଲ୍ଲାଃଙ୍କ ସହିତ ପ୍ରେମ ଓ ସ୍ନେହ ଯୋଗୁଁ ତାର ଉପାସନା କରିବା ଆବଶ୍ୟକ ଓ ଅଲ୍ଲାଃଙ୍କ ହକ୍ ପୁରଣ କରିବା ଆବଶ୍ୟକ । କୌଣସି ସ୍ୱର୍ଗ ଓ ନର୍କର ପ୍ରଶ୍ନ ଉଠୁନାହିଁ । ବରଂ ଅଲ୍ଲାଃତାଲା ସହିତ ଯେଉଁ ପ୍ରେମ ହେବା କଥା ତା'ର ହକ୍ ହେଲା ତାର ଉପାସନା କରାଯାଉ, ଦ୍ୱିତୀୟ ହକ୍ ଲୋକମାନଙ୍କ ନିନ୍ତେ ଅଟେ । କହିଲେ ମନୁଷ୍ୟ ସହିତ ଦୟାଶୀଳ ମନୋଭାବ ହେବା ମୋର ଧର୍ମ । ଯେପର୍ଯ୍ୟନ୍ତ ଶତ୍ରୁର ମଙ୍ଗଳପାଇଁ ପ୍ରାର୍ଥନା କରାନଯାଇଛି ସମ୍ପୂର୍ଣ୍ଣ ରୂପେ ମନ ସ୍ୱଚ୍ଛ ହୋଇନଥାଏ ।'ଉଦ୍‌ଉଉନୀ ଅସ୍‌ତଜୀବ୍ ଲକୁମ୍' ରେ ଅଲ୍ଲାଃତାଲା ଏହା ନିର୍ଦ୍ଦିଷ୍ଟ କରିନାହାଁନ୍ତି ଯେ ଶତ୍ରୁପାଇଁ ଦୁଆ କଲେ ମୁଁ ଗ୍ରହଣ କରିବି ନାହିଁ ବୋଲି, ବରଂ ମୋର ଏହା ଧର୍ମ ଅଟେ ଶତ୍ରୁଙ୍କ ନିମନ୍ତେ ପ୍ରାର୍ଥନା କରିବା ହେଲା ନବୀଙ୍କର ଏକ କର୍ତବ୍ୟ (ପ୍ରଥା) । ହଜ୍‌ରତ୍ ଉମର୍ ର:ଅ ସେଥିଯୋଗୁଁ ମୁସଲ୍‌ମାନ୍ ହୋଇଥିଲେ । ଆଁ ହଜ୍‌ରତ୍ ସ:ଆ:ସ ଉମର୍‌ଙ୍କ ପାଇଁ ପ୍ରାୟ ସବୁସମୟରେ ଦୁଆ କରୁଥିଲେ । ତେଣୁ କୃପଣଙ୍କ ପରି ନିଜ ସ୍ୱାର୍ଥ ପାଇଁ ଶତ୍ରୁତା କରିବା ଉଚିତ୍ ନୁହେଁ । ବାସ୍ତବରେ ଅନ୍ୟକୁ କଷ୍ଟ ଦେବା ଉଚିତ୍ ନୁହେଁ । ଅଲ୍ଲାଃଙ୍କ ପ୍ରଶଂସା ଅଟେ ଯେ, ଆମର କେହି ଶତ୍ରୁ ଏପରି ନାହାଁନ୍ତି, ଯାହାଙ୍କ ନିମନ୍ତେ ଦୁଇ ତିନି ଥର ଦୁଆ କରାନଯାଇଛି । ଜଣେ ବି ଏମିତି ନାହଁନ୍ତି ଏକଥା ମୁଁ ତୁମମାନଙ୍କୁ କହୁଅଛି ଆଉ ଶିଖାଉଛି ମଧ୍ୟ କାହାରିକୁ କୌଣସି ଅତ୍ୟାଚାର ଓ ଦୁଃଖ ଦିଆନଯାଉ ଏବଂ କାହା ସହିତ ଶତ୍ରୁତା କରାନଯାଉ । ଏହାଦ୍ୱାରା ଅଲ୍ଲାଃତାଲା ଦୁଖୀତ ହେବେ, ଯେପରି ସେ ଚାହାଁନ୍ତି ନାହିଁ ଯେ ତାଙ୍କ ସହିତ କିଏ ସମକକ୍ଷ ହେଉ । ଅର୍ଥାତ୍ ଅଯଥା ଶତ୍ରୁତା ଯୋଗୁଁ ଅନ୍ୟକୁ କଷ୍ଟ ଦେବା ମଧ୍ୟ ଅଲ୍ଲାଃଙ୍କୁ ନାପସନ୍ଦ ହୋଇଥାଏ, ଯେପରି ତା ସହିତ କାହାର ତୁଳନା କରାଯାଇଥାଏ । କହିଲେ ଯେ ''ଗୋଟିଏ ଯାଗାରେ ସେ ଅଲଗା ହେବାକୁ ଚାହୁଁନାହିଁ ଏବଂ ଗୋଟିଏ ଯାଗାରେ ମିଳିବାକୁ ମଧ୍ୟ ଚାହେଁନାହିଁ ବା ସେ ସ୍ଥାନ ନାହିଁ ଯେଉଁଠି ମିଳାଯାଏ । କହିଲେ ଅର୍ଥାତ୍ ଲୋକମାନଙ୍କ ମଧ୍ୟରେ ଫାଟ ନରହୁ ଏବଂ ନିଜର କାହା ସହିତ ମିଶ୍ରଣ ନ ହେଉ । ଅର୍ଥାତ୍ ଲୋକମାନେ ନିଜ ଭିତରେ ଅଲଗା ଅଲଗା ରହି ଝଗଡ଼ା ନକରନ୍ତୁ, ଫିତ୍‌ନା ଫିସାଦ୍ ନକରନ୍ତୁ, ଜଣଙ୍କର ମୁହଁ ଗୋଟେ ପଟକୁ ଏବଂ ଆଉଜଣଙ୍କ ମୁହଁ ଅନ୍ୟପଟକୁ ନହେଉ ଏହା 'ଫସଲ୍' ଅଟେ ଏବଂ ନିଜର ଅନ୍ୟ ସହିତ 'ଓ୍ୱସଲ୍' ଅର୍ଥାତ୍ ଅଲ୍ଲାଃତାଲାଙ୍କର ସମକକ୍ଷ କାହାକୁ କରିବା ବା ତା'ର ସ୍ଥାନ ଅନ୍ୟକାହାକୁ ଦେବା ଏହା ଓ୍ୱସଲ୍ ଅଟେ । ଅଲ୍ଲାଃତାଲା ନିଜ ପାଇଁ ଏହା ଚାହେଁ ନାହିଁ । ମନୁଷ୍ୟକୁ ପରସ୍ପର ଭିତରେ ଅଲଗା ନରହୁ, ବରଂ ସେ ଚାହୁଛି ଯେ ସମସ୍ତେ ମିଳିମିଶି ରୁହନ୍ତୁ, ସ୍ନେହ ମମତାର ସହିତ ରୁହନ୍ତୁ, ଏକ ହୋଇ ରୁହନ୍ତୁ ଏବଂ ଭେଦଭାବ ନରହୁ । ଅଲ୍ଲାଃତାଲା ନିଜପାଇଁ ଚାହୁଁଛି ଯେ ସେ ନିଜେ ଏକ ଅଟନ୍ତି ଏବଂ ଅଦ୍ୱିତୀୟ ଅଟନ୍ତି ଏବଂ ତାଙ୍କ ସହିତ କାହାର ତୁଳନା କରାନଯାଉ । କହିଲେ ଏହା ହିଁ ବାସ୍ତବରେ ସେହି ରାସ୍ତା ଅଟେ ଅମାନ୍ୟକାରୀଙ୍କ ପାଇଁ ମଧ୍ୟ ଦୁଆ କରାଯାଉ, ଯାହାଦ୍ୱାରା ହୃଦୟ ସ୍ୱଚ୍ଛ ଓ ବିଶାଳ ହୋଇଥାଏ ଓ ସାହାସ ବଢ଼ିଥାଏ । ସେଥିପାଇଁ ଯେପର୍ଯ୍ୟନ୍ତ ଆମ ଯମାତ୍ ଏ ମାର୍ଗରେ ପରିଚାଳିତ ନହୋଇଛି ତାଙ୍କ ଭିତରେ ଅନ୍ୟମାନଙ୍କ ଭିତରେ କୌଣସି ଫରକ୍ ପଡ଼ିବ ନାହିଁ । ମୋ ଦୃଷ୍ଟିରେ ଏହା ଅତି ଆବଶ୍ୟକୀୟ କଥା ଯେ ଯେଉଁବ୍ୟକ୍ତି ଅନ୍ୟଜଣଙ୍କ ସହିତ ଧର୍ମ ରାସ୍ତାରେ ବନ୍ଧୁତା ସ୍ଥାପନ କରେ ଏବଂ ତାଙ୍କ ସମ୍ପର୍କୀୟଙ୍କ ସହିତ ମଧ୍ୟ ଉତମ ସମ୍ପର୍କ ରଖିବା ଉଚିତ୍ ଓ ସେମାନଙ୍କ ସହିତ ବନ୍ଧୁତା ଓ ନମ୍ରତାର ଆଚରଣ କରିବା ଉଚିତ୍ ଏବଂ ସେମାନଙ୍କ ସହିତ ସ୍ନେହ ସୌହାର୍ଦ୍ଦ୍ୟ ରଖିବା ଉଚିତ୍, କାରଣ ଅଲ୍ଲାଃଙ୍କର ଏହା ବଡ଼ିମା ଅଟେ ଯେ 'ବଦାଁ ରାବା ନେକାଁ ବଖୁଶିଦ୍ କରିମ୍' (ଅର୍ଥାତ୍-ଖରାପ ଲୋକଙ୍କୁ ଭଲ ଲୋକଙ୍କ ସହିତ ଅଲ୍ଲାଃତାଲା କ୍ଷମା ଦେଇଥାଏ) । ତୁମେମାନେ, ଯେଉଁମାନେ କି ମୋର ସହିତ ସମ୍ପର୍କ ରଖିଛ, ଆବଶ୍ୟକ ଅଟେ ଯେ, ତୁମେ ଏପରି ଜାତି ହୁଅ, ଯାହାଙ୍କ ପାଇଁ ଆସିଅଛି 'ଫଇନ୍ନହୁମ୍ କୌମୁନ୍ ଲାୟଶ୍‌କା ଯଲିସହୁମ୍' ଅର୍ଥାତ୍- ସେମାନେ ଏଭଳି ଲୋକ ଅଟନ୍ତି ଯେ, ଯାହାଙ୍କର ଅନ୍ତରଙ୍ଗ ବନ୍ଧୁ ମଧ୍ୟ ଖରାପ ହୋଇନଥାନ୍ତି । ଏହି ସାରାଂଶ ଏପରି ଶିକ୍ଷା ଅଟେ, ଯାହା 'ତଖଲ୍ଲକୁ ବି ଅଖିଲାକିଲ୍ଲାଃ' ରେ ବର୍ଣ୍ଣନା କରାଯାଇଛି ।

ମଲ୍‌ଫୁଜାତ୍ ଖଣ୍ଡ-୩, ପୃଷ୍ଠା-୯୬-୯୭, ପ୍ରକାଶନ-୧୯୮୫, ପ୍ରକାଶିତ-ଇଂଗ୍ଲିସ୍ ସ୍ଥାନ)

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar and Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan